# ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଅଧିସୂଚନା

No.: RDM-LAA-BLS-0033-2018/21193/R&DM, Dated: 11.6.2018

No.: III-14 - ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ସାଳନ୍ଦୀ ବାମପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା– ଶ୍ୟାମସୁନ୍ଦରପୁର, ଥାନା– ନୀଳଗିରି ସଂ.–୧୩୦, ତହସିଲ– ନୀଳଗିରି, ଜିଲ୍ଲା– ବାଲେଶ୍ୱରରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୩୪.୦୧ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ:**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ସାଳନ୍ଦୀ ବାମପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ, ସୋରୋ କେନାଲ ଡିଭିଜନ, ସୋରୋ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ସାଳନ୍ଦୀ ବାମପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ–ଜିଲ୍ଲାପାଳ, ନୀଳଗିରି
୬. ଜମିର ବିବରଣୀ–

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ବାଲେଶ୍ୱର | ନୀଳଗିରି | ଶ୍ୟାମସୁନ୍ଦରପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୫୩.୭୭୫ | ଏ.୩୪.୦୧ | ଏଥି ସହିତ ସଂଲଗ୍ନ |

• ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦.୦୨ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ଭୂ–ଅର୍ଜନ ଅଧିକାରୀ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ, ସୋରୋ, ବାଲେଶ୍ୱରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ବାଲେଶ୍ୱର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./– (ଅଭୟ କୁମାର ନାୟକ)**
**ଯୁଗ୍ମ ଶାସନ ସଚିବ**

## LAND SCHEDULE

**Land Acquisition for excavation of Salandi Left Main Canal of Anandapur Barrage Project of Vill- Shyam Sundarpur, P.S.- Nilagiri No. - 130, Tahasil - Nilagiri, Dist.- Balasore**

| କ୍ର.ନଂ. | ଖାତା ନଂ. | ଜମି ମାଲିକଙ୍କ ନାମ: ପିତା, ଜାତି, ବାସସ୍ଥାନ | ପ୍ଲଟ ନଂ. | କିସମ | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୧ | ଅଙ୍କୁର ପଇଡ଼ା, ବୈଦ୍ୟନାଥ ପଇଡ଼ା, ପି.– ଅଦୈତ ପଇଡ଼ା, ଜା: ଗୋପାଳ, ବା: ରାଉଳ ଖୁଣ୍ଟା | ୨୧୪୦ | ଶାରଦ – ୧ | ୦.୨୪ | ୦.୧୪ | |
| ୨ | ୪ | ଅର୍ଜୁନ ବେହେରା, ପି.– ଏକାଦଶୀ ବେହେରା, ଜା: କୁମ୍ଭାର, ବା: କଣ୍ଟିଆଟିକର | ୨୫୧୯ | ଶାରଦ – ୨ | ୦.୩୬ | ୦.୧୦ | |
| ୩ | ୫ | ଅର୍ଜୁନ ବେହେରା, ପି.– ବନମାଳୀ ବେହେରା, ଜା: ତନ୍ତୀ, ବା: ନିଜଗାଁ | ୨୨୨୭/୨୯୭୦ | ଶାରଦ – ୨ | ୦.୧୦ | ୦.୦୧ | |
| | | | ୨୨୨୬ | ଶାରଦ – ୨ | ୦.୦୪ | ୦.୦୩ | |
| | | | ୨୫୧୦ | ଶାରଦ – ୨ | ୦.୨୬ | ୦.୨୫ | |
| | | | ୨୪୮୦ | ବାଜେ ଫସଲ – ୨ | ୦.୧୮ | ୦.୦୮ | |
| | | | ୨୫୧୫ | ଶାରଦ – ୨ | ୦.୦୪ | ୦.୦୨ | |
| ୪ | ୬ | ଅର୍ଜୁନ ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା, ସୁକୁରିଆ ବେହେରା, ପି.– ଏକାଦଶୀ ବେହେରା, ଜା: କୁମ୍ଭାର, ବା: କଣ୍ଟିଆଟିକର | ୨୪୧୩ | ଶାରଦ – ୧ | ୦.୨୦ | ୦.୨୦ | |
| | | | ୫୪୧ | ଶାରଦ – ୨ | ୦.୨୦ | ୦.୨୦ | |
| ୫ | ୨୧ | ଅପର୍ତ୍ତି ବେହେରା, ଦୈତାରୀ ବେହେରା, ପି.– ମାଧ ବେହେରା, ଜା: କୁମ୍ଭାର, ବା: କଣ୍ଟିଆଟିକର | ୨୫୨୭ | ଶାରଦ – ୧ | ୦.୨୩ | ୦.୦୪ | |
| ୬ | ୪୨ | ଉମାକାନ୍ତ ବେହେରା, ପି.– ଚେମା ବେହେରା, ଜା: ତନ୍ତୀ, ବା: ନିଜଗାଁ | ୨୫୦୮ | ଶାରଦ – ୧ | ୦.୦୬ | ୦.୦୬ | |
| ୭ | ୫୨ | କମଳାକାନ୍ତ ବେହେରା, ପି.– ଭୋଳାନାଥ ବେହେରା, ହରିହର ବେହେରା, ପି.– କିଶୁନ ବେହେରା, ଜା: କୁମ୍ଭକାର, ବା: କଣ୍ଟିଆଟିକର | ୫୩୯ | ଶାରଦ – ୨ | ୦.୫୫ | ୦.୨୯ | |
| | | | ୫୪୪ | ଶାରଦ – ୨ | ୦.୨୮ | ୦.୨୮ | |
| | | | ୫୪୫ | ଶାରଦ – ୨ | ୦.୨୬ | ୦.୧୭ | |
| ୮ | ୫୯ | କରୁଣାକର ପଇଡ଼ା, ସୋମନାଥ ପଇଡ଼ା, ପି.– ରାମଚନ୍ଦ୍ର ପଇଡ଼ା, ଯଶୋଦା ପଇଡ଼ା, ସ୍ୱା.– ରାମଚନ୍ଦ୍ର ପଇଡ଼ା, ଉଦୟ ପଇଡ଼ା, ପି.– ବଲ୍ଲଭ ପଇଡ଼ା, ଭରତ ପଇଡ଼ା, ପି.– ଗଦେଇ ପଇଡ଼ା, ମାଗୁଣି ପଇଡ଼ା, ସ୍ୱା.– ଛକୁ ପଇଡ଼ା, ଜା: ତନ୍ତୀ, ବା: ନିଜଗାଁ | ୨୪୯୩ | ଶାରଦ – ୨ | ୦.୧୫ | ୦.୦୧ | କରୁଣାକର ପରିଡ଼ା, ସୋମନାଥ ପରିଡ଼ା, ଉଦୟ ପରିଡ଼ା, କିସ୍ମତ ପକ୍ଷେ ଖ.ସୁ.ଦ. ବୈରାଗୀ ପରିଡ଼ା, ପି.– ସିରା ପରିଡ଼ା, ଜା: ତନ୍ତୀ, ବା: ନିଜଗାଁରେ ଦ.ନ. ୩୧୩୬, ତା୧୯।୧୨।୬୧ ଜ.ସ. ୨୦୦/– |
| ୯ | ୬୮ | କାଳନ୍ଦ୍ରି ବେହେରା, ନନ୍ଦ କିଶୋର ବେହେରା, ପରଖଚନ୍ଦ୍ର ବେହେରା, କାର୍ତ୍ତିକ ଚନ୍ଦ୍ର ବେହେରା, ସୋମନାଥ ବେହେରା, ପି.– କାଶି ବେହେରା, ଜା: ତନ୍ତୀ, ବା: ନିଜଗାଁ | ୨୨୩୧ | ଶାରଦ – ୨ | ୦.୦୫ | ୦.୦୧ | |
| ୧୦ | ୭୧ | କାଳିଆ ବେହେରା, ବାବୁ ବେହେରା, ନନ୍ଦ ବେହେରା, ପଞ୍ଚୁ ବେହେରା, ପି: ସଚି ବେହେରା, ମୁରଲୀ ବେହେରା, ପି.– ଯଦୁ ବେହେରା, ଭୋଳାନାଥ ବେହେରା, ପି.– ସପନି ବେହେରା, ଜା: ତନ୍ତୀ, ବା: ନିଜଗାଁ | ୨୨୨୫ | ଶାରଦ – ୨ | ୦.୦୭୫ | ୦.୦୫ | |
| ୧୧ | ୭୪ | କାହ୍ନୁ ଚରଣ ନାୟକ, ପି.– ମଦନ ନାୟକ, ଜା: ରଙ୍ଗଣୀହଂସି, ବା: କାଛିପଦା | ୪୪୮ | ଶାରଦ – ୧ | ୦.୧୧ | ୦.୦୪ | |
| ୧୨ | ୯୦ | କେଳା ପଣ୍ଡିତ, ବାଞ୍ଛାନିଧି ପଣ୍ଡିତ, ପି.– ଚିନ୍ତାମଣି ପଣ୍ଡିତ, ବାବାଜି ପଣ୍ଡିତ, ପି.– ବାଉଳି ପଣ୍ଡିତ, ମାଗୁଣି ଚରଣ ପଣ୍ଡିତ, ପି.– ଧର ପଣ୍ଡିତ, ଶଙ୍କର ପଣ୍ଡିତ, ପି.– ଶତ୍ରୁଘ୍ନ ପଣ୍ଡିତ, କୁଟୁରୀ ପଣ୍ଡିତ, ସ୍ୱା.– ଭୀମ ପଣ୍ଡିତ, ବାୟା ପଣ୍ଡିତ, ପି.– ଶତ୍ରୁଘ୍ନ ପଣ୍ଡିତ, ହରି ପଣ୍ଡିତ, ପି.– ସୋମନାଥ ପଣ୍ଡିତ, ଶଙ୍କର ପଣ୍ଡିତ, ବାଇଧର ପଣ୍ଡିତ, ପି.– ଶତ୍ରୁଘ୍ନ ପଣ୍ଡିତ, ଆଶା ପଣ୍ଡିତ, ପି.– ଭୀମ ପଣ୍ଡିତ, ଯଶୋଦା ପଣ୍ଡିତ, ସ୍ୱା.– ଧର ପଣ୍ଡିତ, ରମା ପଣ୍ଡିତ, ସ୍ୱା.– ବାଉଳି ପଣ୍ଡିତ, ଜା: କେଶୁରୀ, ବା: ହାଟସାହି | ୩୫୧ | ଶାରଦ – ୩ | ୦.୩୩ | ୦.୦୪ | |
| ୧୩ | ୯୬ | କୈଳାସ ଚନ୍ଦ୍ର ବେଜ, ପି.– ସନେଇ ବେଜ, ଜା: ଭଣ୍ଡାରି, ବା: ନିଜଗାଁ | ୨୨୨୭ | ଶାରଦ – ୨ | ୦.୭୯ | ୦.୭୯ | |
| ୧୪ | ୯୯ | କୈଳାସ ଚନ୍ଦ୍ର ନାଏକ, ପ୍ରହ୍ଲାଦ ନାଏକ, ଯୁଧିଷ୍ଠିର ନାଏକ, ପି.– ଜନାର୍ଦ୍ଦନ ନାଏକ, କ୍ଷେତ୍ର ମୋହନ ନାଏକ, ପି.– ବୈଷ୍ଣବ ଚରଣ ନାଏକ, ବଂଶୀଧର ନାଏକ, ପି.– ଲମ୍ବୋଦର ନାଏକ, ଜା: ଜ୍ୟୋତିଷ, ବା: ନିଜଗାଁ | ୨୪୭୭ | ଶାରଦ – ୨ | ୦.୦୫ | ୦.୦୫ | |
| ୧୫ | ୧୦୦ | କୈଳାସ ଚନ୍ଦ୍ର ପଣ୍ଡା, ପି.– ଲୋକନାଥ ପଣ୍ଡା, ଜା: ବ୍ରାହ୍ମଣ, ବା: କଣ୍ଟିଆଟିକର | ୨୪୧୬ | ଶାରଦ – ୧ | ୦.୩୪ | ୦.୦୧ | |
| ୧୬ | ୧୦୭ | କ୍ଷେତ୍ର ମୋହନ ମହାନ୍ତି, ପି.– ଗୋବିନ୍ଦ ମହାନ୍ତି, ଜା: ଖଣ୍ଡାୟତ, ବା: ନିଜଗାଁ | ୨୫୦୭ | ଶାରଦ – ୩ | ୦.୨୩ | ୦.୨୩ | |
| | | | ୨୫୦୯ | ଶାରଦ – ୨ | ୦.୮୭ | ୦.୮୭ | |
| ୧୭ | ୧୩୬ | ଗୋପୀନାଥ ଲେଙ୍କା, ପି.– ପଞ୍ଚୁ ଲେଙ୍କା, ଜା: ପାଟରା, ବା: ନିଜଗାଁ | ୨୨୨୮ | ଶାରଦ – ୨ | ୦.୩୮ | ୦.୩୮ | |
| | | | ୨୨୨୮/୩୨୫୬ | ଶାରଦ – ୨ | ୦.୩୧ | ୦.୩୧ | |
| ୧୮ | ୧୩୭ | ଗୋପୀନାଥ ବାରିକ, ପି.– ରାମଚନ୍ଦ୍ର ବାରିକ, ଜା: ଗୋପାଳ, ବା: ନିଜଗାଁ | ୨୧୩୫ | ଶାରଦ – ୨ | ୦.୩୦୫ | ୦.୩୦୫ | |
| ୧୯ | ୧୪୧ | ଗୋବିନ୍ଦ ଚନ୍ଦ୍ର ସାହୁ, ପି.– ବ୍ରଜମୋହନ ସାହୁ, ଜା: ଗୁଡ଼ିଆ, ବା: ହାଟସାହି | ୪୬୫ | ଶାରଦ – ୨ | ୦.୮୦ | ୦.୬୨ | |
| ୨୦ | ୧୪୩ | ଗୌରଚନ୍ଦ୍ର ମହାପାତ୍ର, ନିତ୍ୟାନନ୍ଦ ମହାପାତ୍ର, ପି.– ସୋମନାଥ ମହାପାତ୍ର, ତାରା ମହାପାତ୍ର, ସ୍ୱା.– ଦୈତାରୀ ପ୍ରସାଦ ମହାପାତ୍ର, ଜା: ଖଣ୍ଡାୟତ, ବା: ନିଜଗାଁ | ୨୪୧୮ | ଶାରଦ – ୧ | ୦.୦୮ | ୦.୦୨ | |
| | | | ୨୪୧୯ | ଶାରଦ – ୧ | ୦.୪୬୭ | ୦.୧୯୭ | |
| ୨୧ | ୧୫୧ | ଗୋପୀନାଥ ପଣ୍ଡା, ପି.– ଜଗନ୍ନାଥ ପଣ୍ଡା, ଜା: ବ୍ରାହ୍ମଣ, ବା: କଣ୍ଟିଆଟିକର | ୩୪୭/୩୦୬୭ | ଶାରଦ – ୩ | ୦.୧୫ | ୦.୧୫ | |
| | | | ୩୪୯/୩୦୭୦ | ଶାରଦ – ୩ | ୦.୧୪ | ୦.୦୩ | |
| ୨୨ | ୧୬୪ | ଚତୁର୍ଭୁଜ ପଣ୍ଡା, ପି.– ହାଡ଼ି ପଣ୍ଡା, ଜା: ବ୍ରାହ୍ମଣ, ବା: ନିଜଗାଁ | ୩୭୨ | ଶାରଦ – ୨ | ୦.୦୬ | ୦.୦୬ | |
| ୨୩ | ୧୮୦ | ଚିନ୍ତାମଣି କର, ମହେଶ୍ୱର କର, ଶମ୍ଭୁନାଥ କର, ରବୀନ୍ଦ୍ର କର, ପି.– ଦାମୋଦର କର, ଲମ୍ବୋଦର କର, ପି.– ବିଦ୍ୟାଧର କର, ଝୁମୁରୀ କର, ସ୍ୱା.– ନାରଣ କର, ରାଧିକା କର, ସ୍ୱା.– ଦୀନବନ୍ଧୁ କର, ଜା: ବ୍ରାହ୍ମଣ, ବା: ନିଜଗାଁ, ଚିନ୍ମୟା ନନ୍ଦ ମିଶ୍ର, ପି.– ଚକ୍ରଧର ମିଶ୍ର, ଜା: ବ୍ରାହ୍ମଣ, ବା: ଜଡ଼ିବାଲି | ୩୭୩ | ଶାରଦ – ୨ | ୦.୩୪ | ୦.୩୪ | |
| | | | ୩୭୪ | ଶାରଦ – ୨ | ୦.୫୮ | ୦.୫୭ | |
| | | | ୩୭୫ | ଶାରଦ – ୨ | ୦.୩୩ | ୦.୧୯ | |
| | | | ୪୫୫ | ଶାରଦ – ୨ | ୦.୭୧ | ୦.୭୧ | |
| | | | ୩୫୫ | ଶାରଦ – ୩ | ୧.୦୭ | ୦.୪୩ | |
| ୨୪ | ୧୯୪ | ଜଗନ୍ନାଥ ବେହେରା, ପି.– ମୋହନ ବେହେରା, ଦୁତିକା ବେହେରା, ପି.– ବାଉଳି ବେହେରା, ଗୋବିନ୍ଦ ବେହେରା, ଶମ୍ଭୁ ବେହେରା, ପି.– ବରଜୁ ବେହେରା, କିସ୍ମତ ଟ.୦ ପାଞ୍ଚ ଅଣା ଚାରି ପାହି, ସନାତନ ବେହେରା, ବାଉଳି ବେହେରା, ପି.– ମୋହନ ବେହେରା, ଭାଲୁ ବେହେରା, ପି.– ଶଙ୍କର ବେହେରା, କିସ୍ମତ ଟ.୦ ପାଞ୍ଚ ଅଣା ଚାରି ପାହି, ଗୋପାଳ ବେହେରା, ପି.– ଗଦାଧର ବେହେର, ଅନନ୍ତ ବେହେରା, ପି. ରାଧୁ ବେହେରା, କିସ୍ମତ ଟ. ୦ ପାଞ୍ଚ ଅଣା ଚାରି ପାହି, ଜା: କୁମ୍ଭକାର, ବା: କଣ୍ଟିଆଟିକର | ୨୫୧୭/୩୨୧୮ | ଶାରଦ – ୨ | ୦.୦୮ | ୦.୦୮ | ଗୋପାଳ ବେହେରା, ଅଂଶ ପକ୍ଷେ ଖ.ସୁ.ଦ. ସନାତନ ବେହେରା, ଖାତା ରୟତ ରେ.ଦ.ନ. ୧୫୩୧, ତା୧୧।୦୪।୭୦ ଜ.ସ. – ୨୦୦/– |
| | | | ୨୫୧୭/୩୨୧୭ | ଶାରଦ – ୨ | ୦.୦୭ | ୦.୦୭ | ଗୋପାଳ ବେହେରା, ଅଂଶ ପକ୍ଷେ ଖ.ସୁ.ଦ. ଅର୍ଜୁନ ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା, ସୁକୁରିଆ ବେହେରା, ପି.– ଏକାଦଶୀ ବେହେରା, ଜା: କୁମ୍ଭକାର, ବା: କଣ୍ଟିଆଶିକର, ରେ.ଦ.ନ. ୧୫୩୦, ତା୧୧।୦୪।୭୦ ଜ.ସ. – ୨୦୦/– |
| | | | ୨୫୧୭ | ଶାରଦ – ୨ | ୦.୭୫ | ୦.୭୫ | |
| ୨୫ | ୨୧୫ | ଶ୍ରୀ ଭାଗବତ ଗୋସାଇଁ, ବି: ନିଜଗାଁ, ମା: ଦଇତାରୀ ପାତ୍ର, ପି.– ନବୀନ ପାତ୍ର, ଜା: ପାଟରା, ବା: ନିଜଗାଁ | ୨୨୩୮/୨୯୮୪ | ଶାରଦ – ୨ | ୦.୨୬ | ୦.୦୨ | |
| ୨୬ | ୨୧୯ | ଦଇତାରୀ ପାତ୍ର, ପି.– ନବୀନ ପାତ୍ର, ଗଦାଧର ପାତ୍ର, ପି.– ପ୍ରସାଦି ପାତ୍ର, ଜା: ପାଟରା, ବା: ନିଜଗାଁ | ୨୨୩୩ | ଶାରଦ – ୨ | ୦.୩୫ | ୦.୩୫ | |
| | | | ୨୨୩୫ | ଶାରଦ – ୨ | ୧.୪୩ | ୧.୦୩ | |
| ୨୭ | ୨୩୦ | ଶ୍ରୀ ରସିକେଶ୍ୱର ଠାକୁର, ବି: ନିଜଗାଁ ମାର୍ଫତ ଦାମୋଦର ଓତା, ପି.– ହରିହର ଓତା, ଶ୍ରୀଧର ଓତା, ବଂଶୀଧର ଓତା, ପି.– ରାମଚନ୍ଦ୍ର ଓତା, ଗୋବିନ୍ଦ ଓତା, ବନମାଳୀ ଓତା, କାହ୍ନୁ ଓତା, ପି.– ଆନନ୍ଦ ଓତା, ଚକ୍ରଧର ଓତା, ଲମ୍ବୋଦର ଓତା, ପି.– ଅର୍ଜୁନ ଓତା, ଜା: ବ୍ରାହ୍ମଣ, ବା: ନିଜଗାଁ, ପ୍ଲଟ ନଂ.– ୨୦୯୨ ଦଖଲ ବିଘ୍ନେଶ୍ୱର ଦାଶ, ପି.– ଫକୀର ଦାଶ, ଜା: ବ୍ରାହ୍ମଣ, ବ: ନିଜଗାଁ, ସିକିମ ଖାତା ନଂ. – ୩ | ୨୦୯୨ | ଶାରଦ – ୧ | ୦.୫୮ | ୦.୧୨ | ଦଖଲ ବିଘ୍ନେଶ୍ୱର ଦାସ, ପି.– ଫକୀର ଦାଶ, ଜା: ବ୍ରାହ୍ମଣ, ବା: ନିଜଗାଁ, ସିକିମ ଖାତା ନଂ. – ୩ |
| | | | ୨୦୯୫ | ଶାରଦ – ୧ | ୦.୦୧ | ୦.୦୦୫ | |
| ୨୮ | ୨୩୧ | ଶ୍ରୀ ରସିକେଶ୍ୱର ଠାକୁର, ବି: ନିଜଗାଁ ମାର୍ଫତ୍ ଦାମୋଦର ଓତା, ପି: ହରିହର ଓତା, ଶ୍ରୀଧର ଓତା, ବଂଶୀଧର ଓତା, ପି: ରାମଚନ୍ଦ୍ର ଓତା, ଗୋବିନ୍ଦ ଚନ୍ଦ୍ର ଓତା, ବନମାଳୀ ଓତା, କାହ୍ନୁଚରଣ ଓତା, ପି: ଆନନ୍ଦ ଓତା, ଚକ୍ରଧର ଓତା, ଲମ୍ବୋଦର ଓତା, ପି: ଅର୍ଜୁନ ଓତା, ଜା: ବ୍ରାହ୍ମଣ, ବା: ନିଜଗାଁ | ୨୦୯୬ | ଶାରଦ–୧ | ୦.୮୬ | ୦.୦୦୫ | |
| ୨୯ | ୨୩୪ | ଦିବାକର ମିଶ୍ର, ପି.– ଗୋପୀନାଥ ମିଶ୍ର, ନରହରି ମିଶ୍ର, ପି.– ଭାଗବତ ମିଶ୍ର, ଜା: ବ୍ରାହ୍ମଣ, ବା: ହାଟସାହି | ୪୪୪ | ଶାରଦ – ୧ | ୦.୨୬ | ୦.୨୬ | |
| | | | ୪୪୫ | ଶାରଦ – ୧ | ୦.୦୮ | ୦.୦୮ | |
| ୩୦ | ୨୫୨ | ନରହରି ପାଢ଼ୀ, ପି.– ଶ୍ରୀଧର ପାଢ଼ୀ, ଜା: ବ୍ରାହ୍ମଣ, ବା: ନିଜଗାଁ | ୪୫୪ | ଶାରଦ – ୨ | ୦.୧୪ | ୦.୦୨ | |
| ୩୧ | ୨୬୦ | ନରେନ୍ଦ୍ର ସାହୁ, ପି.– ଗୋବିନ୍ଦ ଚନ୍ଦ୍ର ସାହୁ, ଜା: ଗୁଡ଼ିଆ, ବା: ହାଟସାହି | ୪୫୮ | ଶାରଦ – ୨ | ୦.୭୪ | ୦.୦୧ | |
| ୩୨ | ୨୭୪ | ନିରଞ୍ଜନ ମିଶ୍ର, ବୃନ୍ଦାବନ ମିଶ୍ର, ପି.– ଲକ୍ଷ୍ମୀଧର ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ | ୪୨୧ | ଶାରଦ – ୨ | ୦.୨୦ | ୦.୨୦ | |
| | | | ୪୨୨ | ଶାରଦ – ୨ | ୦.୧୯ | ୦.୧୧ | |
| | | | ୪୨୩ | ଶାରଦ – ୨ | ୧.୫୭ | ୧.୦୨ | |
| ୩୩ | ୨୯୫ | ପ୍ରଫୁଲ୍ଲ ମଣି ପରିଡ଼ା, ସ୍ୱା.– ହରେକୃଷ୍ଣ ପରିଡ଼ା, ମାଗୁଣି ପରିଡ଼ା, ପି.– ଛକୁ ପରିଡ଼ା, ଭରତ ପରିଡ଼ା, ପି.– ଗଦେଇ ପରିଡ଼ା, ଜା: ତନ୍ତୀ, ବା: ନିଜଗାଁ | ୨୫୦୧ | ଶାରଦ – ୧ | ୦.୨୫ | ୦.୨୫ | |
| ୩୪ | ୩୨୪ | ପୂର୍ଣ୍ଣଚନ୍ଦ୍ର ନାୟକ, ଜନାର୍ଦ୍ଦନ ନାୟକ, ପି.– ଅର୍ଜୁନ ନାୟକ, ଜା: ରଙ୍ଗଣୀହଂସୀ, ବା: କଣ୍ଟିଆଟିକର | ୫୪୦ | ଶାରଦ – ୨ | ୦.୨୬ | ୦.୨୬ | |
| ୩୫ | ୩୩୪ | ପୁନି ବାରିକ, ମାର୍କଣ୍ଡ ବାରିକ, ପି.– ମଧୁ ବାରିକ, ଜା: ଗୋପାଳ, ବା: ନିଜଗାଁ | ୨୧୩୪/୩୨୪୮ | ଶାରଦ – ୨ | ୦.୧୦ | ୦.୦୬ | |
| ୩୬ | ୩୪୬ | ବସନ୍ତ କୁମାର ପାତ୍ର, କ୍ଷୀରୋଦ କୁମାର ପାତ୍ର, ସୁରେନ୍ଦ୍ର କୁମାର ପାତ୍ର, ପି.– ଦୈତାରୀ ପାତ୍ର, ଜା: ପାଟରା, ବା: ନିଜଗାଁ | ୨୨୩୪ | ଶାରଦ – ୨ | ୦.୪୫ | ୦.୪୫ | |
| | | | ୨୨୩୬ | ଶାରଦ – ୨ | ୦.୪୨ | ୦.୦୯ | |
| ୩୭ | ୩୬୫ | ଶ୍ରୀ ରଘୁନାଥ ଜୀଉ, ଶ୍ରୀ ରାଧା କିଶୋର ଜୀଉ, ବି: ହାଟସାହି, ମା: ବାଇଧର ପଣ୍ଡା, ପି.– ଅଭିରାମ ପଣ୍ଡା, ଜା: ବ୍ରାହ୍ମଣ, ବା: ଚଷାଖଣ୍ଡ, ଜବର ଦଖଲ, ବିକ୍ରମକେଶୋରୀ ମିଶ୍ର, ପି.– ନରହରି ମିଶ୍ର, ଜା: ବ୍ରାହ୍ମଣ, ବା: ହାଟସାହି | ୪୪୪/୩୦୯୭ | ଶାରଦ – ୧ | ୦.୨୫ | ୦.୨୫ | |
| | | | ୪୪୫/୩୦୯୮ | ଶାରଦ – ୧ | ୦.୦୯ | ୦.୦୯ | |
| ୩୮ | ୩୮୦ | ବାଞ୍ଛାନିଧି ପଣ୍ଡିତ, କେଳୁ ପଣ୍ଡିତ, ପି.– ଚିନ୍ତାମଣି ପଣ୍ଡିତ, ବାବାଜୀ ପଣ୍ଡିତ, ପି.– ବାଉଳି ପଣ୍ଡିତ, ରମା ପଣ୍ଡିତ, ସ୍ୱା.– ବାଉଳି ପଣ୍ଡିତ, ମାଗୁଣି ପଣ୍ଡିତ, ପି.– ଧୀର ପଣ୍ଡିତ, ଯଶୋଦା ପଣ୍ଡିତ, ସ୍ୱା.– ଧୀର ପଣ୍ଡିତ, ଶଙ୍କର ପଣ୍ଡିତ, ବାଇଧର ପଣ୍ଡିତ, ପି.– ଶତ୍ରୁଘ୍ନ ପଣ୍ଡିତ, କୁଟୁରୀ ପଣ୍ଡିତ, ସ୍ୱା.– ଭୀମ ପଣ୍ଡିତ, ଆଶା ଦେଇ, ସ୍ୱା.– ଭୀମ ପଣ୍ଡିତ, ହରି ପଣ୍ଡିତ, ପି.– ସମନାଥ ପଣ୍ଡିତ, ଜା: ଖଦାଳ, ବା: ହାଟସାହି | ୩୫୨/୩୧୫୬ | ଶାରଦ – ୩ | ୦.୦୭ | ୦.୦୭ | |
| | | | ୩୫୨/୩୧୫୭ | ଶାରଦ – ୩ | ୦.୦୮ | ୦.୦୪ | ହରି ପଣ୍ଡିତ ଅଂଶ ପକ୍ଷେ ଖ.ସୁ.ଦ., ଗଜେନ୍ଦ୍ର ମାଝୀ, ପି.– ବନମାଳି ମାଝୀ, ଜା: ଖଦାଳ, ବା: ହାଟସାହି, ରେ.ଦ.ନ. ୧୬୩୮, ତା୧୮।୦୪।୭୦ ଜ.ସ. ୨୦୦୦/– |
| | | | ୩୫୨/୩୧୫୮ | ଶାରଦ – ୩ | ୦.୦୩ | ୦.୦୩ | |
| | | | ୩୫୨/୩୧୫୦ | ଶାରଦ – ୩ | ୦.୦୮ | ୦.୦୮ | ମାଗୁଣି ପଣ୍ଡିତ ଅଂଶ ପକ୍ଷେ ଖ.ସୁ.ଦ. ଦାମୋଦର ବାରିକ, ପି.– ସୂର୍ଯ୍ୟାନନ୍ଦ ବାରିକ, ଜା: ଗୋପାଳ, ବା: ମାନଗଡ଼, ରେ.ଦ.ନ. ୩୪୮୯, ତା୦୭।୦୭।୬୯ ଜ.ସ. ୬୦୦/– |
| | | | ୩୫୩/୩୧୫୯ | ଶାରଦ – ୩ | ୦.୦୨ | ୦.୦୧ | |
| | | | ୩୬୦/୩୧୬୧ | ଶାରଦ – ୩ | ୦.୫୫ | ୦.୫୦ | ହରି ପଣ୍ଡିତ ଅଂଶ ପକ୍ଷେ ଖ.ସୁ.ଦ. ଗଜେନ୍ଦ୍ର ମାଝୀ, ମୁ. ପ୍ଲ. ୩୧୫୭ |
| | | | ୩୬୦/୩୧୬୦ | ଶାରଦ – ୩ | ୦.୭୧ | ୦.୧୦ | |
| | | | ୩୬୦/୩୧୫୧ | ଶାରଦ – ୩ | ୦.୫୦ | ୦.୧୭ | ମାଗୁଣି ପଣ୍ଡିତ ଅଂଶ ପକ୍ଷେ ଖ.ସୁ.ଦ. ଦାମୋଦର ବାରିକ, ମୁ.ପ୍ଲ. ୩୧୫୦ |
| | | | ୩୫୩ | ଶାରଦ – ୩ | ୦.୦୫ | ୦.୦୫ | |
| | | | ୩୬୦ | ଶାରଦ – ୩ | ୦.୪୮ | ୦.୪୮ | ହରି ପଣ୍ଡିତ ଅଂଶ ପକ୍ଷେ ଖ.ସୁ.ଦ. ଗଜେନ୍ଦ୍ର ମାଝୀ, ମୁ.ପ୍ଲ. ୩୧୫୭ |
| | | | ୩୫୨ | ଶାରଦ – ୩ | ୦.୧୬ | ୦.୧୧ | |
| ୩୯ | ୩୮୪ | ବାବାଜୀ ନାୟକ, ବୈଷ୍ଣବ ନାୟକ, ପି.– ଚିନ୍ତାମଣି ନାୟକ, ଜା: ହଂସୀ, ବା: କାଞ୍ଚପଦା | ୫୪୩ | ଶାରଦ – ୨ | ୦.୨୫ | ୦.୨୫ | |
| ୪୦ | ୩୮୯ | ବାସୁଦେବ ପାଣି, ପି.– ବାମଦେବ ପାଣି, ଜା: ବ୍ରାହ୍ମଣ, ବା: ନିଜଗାଁ | ୪୫୪/୩୧୮୩ | ଶାରଦ – ୨ | ୦.୩୦ | ୦.୦୬ | |
| ୪୧ | ୩୯୧ | ବିକ୍ରମ କେଶୋରୀ ମିଶ୍ର, ପି.– ନରହରି ମିଶ୍ର, ଜା: ବ୍ରାହ୍ମଣ, ବା: ହାଟସାହି | ୩୫୬ | ଶାରଦ – ୩ | ୦.୩୦ | ୦.୧୯ | |
| ୪୨ | ୩୯୨ | ଶ୍ରୀ ରଘୁନାଥ ଜୀଉ, ଶୀରାଧା କିଶୋର ଜୀଉ, ବି: ନିଜଗାଁ, ମା: ବିକ୍ରମ କେଶରୀ ମିଶ୍ର, ପି.– ନରହରି ମିଶ୍ର, ଜା: ବ୍ରାହ୍ମଣ, ବା: ହାଟସାହି | ୩୪୯ | ଶାରଦ – ୩ | ୦.୩୦ | ୦.୨୬ | |
| ୪୩ | ୩୯୪ | ଶ୍ରୀରାଧା କିଶୋର ଜୀଉ, ବିଜେ ହାଟସାହି, ମା: ବିକ୍ରମ କେଶରୀ ମିଶ୍ର, ପି.– ନରହରି ମିଶ୍ର, ଜା: ବ୍ରାହ୍ମଣ, ବା: ହାଟସାହି | ୩୪୮ | ଶାରଦ – ୩ | ୦.୦୯ | ୦.୦୯ | |
| ୪୪ | ୪୦୬ | ବିଶୁନ ପଇଡ଼ା, ପି.– ଅର୍ଜୁନ ପଇଡ଼ା, ଜା: ତନ୍ତୀ, ବା: ନିଜଗାଁ | ୨୪୧୫/୩୨୬୬ | ଶାରଦ – ୧ | ୦.୦୭ | ୦.୦୭ | ଜ.ଦ. ଅର୍ଜୁନ ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା, ସୁକୁରିଆ ବେହେରା, ପି.– ଏକାଦଶୀ ବେହେରା, ଜା: କୁମ୍ଭକାର, ବା: କଣ୍ଟିଆଟିକର |
| | | | ୨୪୧୫ | ଶାରଦ – ୧ | ୦.୧୨ | ୦.୧୦ | |
| ୪୫ | ୪୧୨ | ଶ୍ରୀ ବଟେଶ୍ୱର ମହାଦେବ, ବି.– ନିଜଗାଁ ସମସ୍ତ ଶାସନ ଭାଗିଦାର ତରଫ ବୃନ୍ଦାବନ ଶତପଥୀ, ପି.– ଭଜନ ଶତପଥୀ, ଜା: ବ୍ରାହ୍ମଣ, ବା: ନିଜଗାଁ | ୩୦୪ | ଶାରଦ – ୨ | ୦.୯୨ | ୦.୮୮ | |
| | | | ୩୫୭ | ଶାରଦ – ୩ | ୦.୫୩ | ୦.୦୫ | |
| ୪୬ | ୪୨୭ | ବୈରାଗୀ ପଇଡ଼ା, ପି.– ମିଛା ପଇଡ଼ା, ଜା: ତନ୍ତୀ, ବା: ନିଜଗାଁ | ୨୫୦୦ | ଶାରଦ – ୨ | ୦.୧୫ | ୦.୧୫ | |
| | | | ୨୫୦୨ | ଶାରଦ – ୧ | ୦.୧୩ | ୦.୧୩ | |
| ୪୭ | ୪୫୬ | ଭାଗବତ ଦାସ, ପି.– ଗୋପୀନାଥ ଦାସ, ଜା: ଖଣ୍ଡାୟତ, ବା: ନିଜଗାଁ | ୨୪୯୫ | ଶାରଦ – ୨ | ୦.୪୧ | ୦.୦୧ | |
| ୪୮ | ୪୬୩ | ଭାଗୀରଥି ବାରିକ, ପି.– ବିହାରି ବାରିକ, ଜା: ଗୋପାଳ, ବା: ନିଜଗାଁ | ୨୨୧୭ | ଶାରଦ – ୨ | ୦.୬୬ | ୦.୧୮ | |
| ୪୯ | ୪୭୩ | ଭାଲୁ ପାତ୍ର, ପି.– ଶମ୍ଭୁ ପାତ୍ର, ସଦାଶିବ ପାତ୍ର, ପି.– ଆନନ୍ଦ ପାତ୍ର, ବାଞ୍ଛାନିଧି ବାଗ, ପି.– ଶ୍ରୀଧର ବାଗ, ଜା: ଡମ, ବା: ନିଜଗାଁ | ୨୨୩୯/୩୨୪୫ | ଶାରଦ – ୨ | ୦.୧୦ | ୦.୧୦ | ବାଞ୍ଛାନିଧି ବାଗ ଅଂଶପକ୍ଷେ ବେ.ଖ.ସୁ.ଦ. ଅପ୍ରତି ବେହେରା, ଦୈତାରୀ ବେହେରା, ପି.– ମାଧ ବେହେରା, ଜା: କୁମ୍ଭାର, ବା: କଣ୍ଟିଆଟିକର ରେ.ଦ.ନ. ୨୧୧୨, ତା୨୪।୦୪।୬୯ ଜ.ସ. ୨୦୦/– |
| | | | ୨୨୩୯ | ଶାରଦ – ୨ | ୦.୩୬ | ୦.୩୬ | |
| ୫୦ | ୪୮୬ | ମଡ଼ି ବେହେରା, ସ୍ୱା.– ପୁରସ୍ତମ ବେହେରା, ଜା: କୁମ୍ଭାର, ବା: ଜେମାଦେଇପୁର | ୨୫୧୮/୩୦୬୪ | ଶାରଦ – ୨ | ୦.୨୨ | ୦.୨୨ | |
| ୫୧ | ୫୦୫ | ମହେନ୍ଦ୍ର ଦାସ, ବରେନ୍ଦ୍ର ଦାସ, ପି.– ଅର୍ଜୁନ ଦାସ, ଜା: ଗୋପାଳ, ବା: ନିଜଗାଁ | ୨୧୩୭ | ଶାରଦ – ୨ | ୦.୧୭ | ୦.୦୬ | |
| ୫୨ | ୫୧୨ | ମାଗୁଣି ବେହେରା, ସୋମନାଥ ବେହେରା, ପି.– ଭଗବାନ ବେହେରା, ରଘୁନାଥ ବେହେରା, ପି.– ବୈରାଗୀ ବେହେରା, ଜା: ନିଆରୀ, ବା: କଣ୍ଟିଆଟିକର | ୨୪୧୧ | ଶାରଦ – ୧ | ୦.୬୫ | ୦.୦୩ | |
| ୫୩ | ୫୨୩ | ମହାଦେଇ ବେହେରା, ସ୍ୱା.– ମାଧ ବେହେରା, ଅପୁଣ ବେହେରା, ପି.– ମାଧ ବେହେରା, ଜା: କୁମ୍ଭକାର, ବା: କଣ୍ଟିଆଟିକର | ୫୪୨ | ଶାରଦ – ୨ | ୦.୪୪ | ୦.୪୪ | |
| ୫୪ | ୫୩୧ | ମୁଳିଆଣି ମୁଦୁଲି, ସ୍ୱା.– ଭିକାରୀ ମୁଦୁଲି, ମଡ଼ି ବେହେରା, ସ୍ୱା.– ଘନ ବେହେରା, ଗୁରା ବେହେରା, କରୁଣା ବେହେରା, ପି.– ବାବୁ ବେହେରା, ଜା: କୁମ୍ଭକାର, ବା: ଜେମାଦେଇପୁର | ୨୨୪୧ | ଶାରଦ – ୨ | ୦.୨୨ | ୦.୧୦ | ଗୁରା ବେହେରା, କରୁଣାକର ବେହେରା, ମଡ଼ି ବେୱା, ଅଂଶ ପକ୍ଷେ ଖ.ସୁ.ଦ. ଭାଲୁ ପାତ୍ର, ପି.– ଶମ୍ଭୁ ପାତ୍ର, ଜା: ଡମ, ବା: ନିଜଗାଁ, ରେ.ଦ.ନ. ୧୫୧ ତା୨୦।୦୧।୭୩ ଜ.ସ. ୪୦୦/– |
| | | | ୨୨୪୧/୩୨୪୪ | ଶାରଦ – ୨ | ୦.୧୫ | ୦.୦୮ | |
| ୫୫ | ୫୪୩ | ରତ୍ନମଣି ବେହେରା, ପି.– ପୁରସ୍ତମ ବେହେରା, ଜା: କୁମ୍ଭାର, ବା: କଣ୍ଟିଆଟିକର | ୨୫୧୮ | ଶାରଦ – ୨ | ୦.୬୨ | ୦.୪୨ | |
| ୫୬ | ୫୫୨ | ରାମାକାନ୍ତ କର, ପି.– ରାଧୁ କର, ଜା: ବ୍ରାହ୍ମଣ, ବା: ନିଜଗାଁ | ୩୪୬ | ଶାରଦ – ୩ | ୦.୧୦ | ୦.୧୦ | |
| ୫୭ | ୫୫୫ | ରମାକାନ୍ତ ଦାସ, ପି.– ଭାଗବତ ଦାସ, ଜା: ଖଣ୍ଡାୟତ, ବା: ନିଜଗାଁ | ୨୫୧୬ | ଶାରଦ – ୨ | ୦.୩୨ | ୦.୨୩ | ଜ.ଦ. ଦୈତାରୀ ବେହେରା, ପି.– ମାଧ ବେହେରା, ଜା: କୁମ୍ଭକାର, ବା: କଣ୍ଟିଆଟିକର |
| ୫୮ | ୫୬୩ | ରାଧାମାଧବ ଦାସ, ପି.– କାଙ୍ଗାଳି ଦାସ, ଜା: ବ୍ରାହ୍ମଣ, ବା: ନିଜଗାଁ | ୨୦୯୪ | ଶାରଦ – ୧ | ୦.୩୭ | ୦.୦୩ | |
| ୫୯ | ୫୯୦ | ରୁକ୍ମଣୀ ନାୟକ, ସ୍ୱା.– ଅର୍ଜୁନ ନାୟକ, ପୂର୍ଣ୍ଣଚନ୍ଦ୍ର ନାୟକ, ଜନାର୍ଦ୍ଦନ ନାୟକ, ସନାତନ ନାୟକ, ପି.– ଅର୍ଜୁନ ନାୟକ, ଗୋପାଳ ନାୟକ, ହରି ନାୟକ, ପଞ୍ଚାନନ ନାୟକ, ପି.– ମାଗୁଣି ନାୟକ, ଜା: ରଙ୍ଗଣୀହଂସୀ, ବା: କଣ୍ଟିଆଟିକର | ୪୪୩ | ଶାରଦ – ୧ | ୦.୫୬ | ୦.୨୮ | |
| ୬୦ | ୫୯୪ | ଲକ୍ଷ୍ମୀଧର ମିଶ୍ର, ପି.– ଉଦୟ ନାରାୟଣ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ | ୨୫୨୮ | ଶାରଦ – ୧ | ୦.୪୦ | ୦.୦୨ | |
| ୬୧ | ୬୦୩ | ଶଙ୍କର ବେହେରା, ବାବୁ ବେହେରା, ପି.– ବାଇ ବେହେରା, ବାଉରୀ ବେହେରା, ଦୁର୍ଯ୍ୟୁ ବେହେରା, ମୋହନ ବେହେରା, ପି.– ଭାଗବତ ବେହେରା, ରାଧୁ ବେହେରା, ପି.– ଗାଙ୍ଗୁ ବେହେରା, ନାରାୟଣ ବେହେରା, ପି.– ବଗି ବେହେରା, ପଞ୍ଚୁ ବେହେରା, ପି.– ବନା ବେହେରା, ପାର ବେହେରା, ସ୍ୱା.– ମଧୁ ବେହେରା, ଜା: କୁମ୍ଭାର, ବା: କଣ୍ଟିଆଟିକର | ୨୫୨୬ | ଶାରଦ – ୧ | ୦.୩୮ | ୦.୨୭ | |
| ୬୨ | ୬୦୬ | ଶଙ୍କର ପଇଡ଼ା, ପି.– ମାର୍କଣ୍ଡ ପଇଡ଼ା, ସୁଲୋଚନା ପଇଡ଼ା, ପି.– ବିଶୁନ ପଇଡ଼ା, ଜା: ତନ୍ତୀ, ବା: ନିଜଗାଁ | ୨୨୧୮/୩୨୩୧ | ଶାରଦ – ୨ | ୦.୩୫ | ୦.୦୧ | |
| ୬୩ | ୬୧୮ | ସଦାଶିବ ପାତ୍ର, ପି.– ଆନନ୍ଦ ପାତ୍ର, ବାଞ୍ଛାନିଧି ବାଗ, ପି.– ଶ୍ରୀଧର ବାଗ, ଜା: ଡୁମ, ବା: ନିଜଗାଁ | ୨୨୪୦ | ଶାରଦ – ୨ | ୦.୧୩ | ୦.୧୧ | |
| ୬୪ | ୬୬୪ | ଶିବ ପ୍ରସାଦ ଦାସ, ପି.– ସୋମନାଥ ଦାସ, ଜୟନ୍ତ କୁମାର ଦାସ, ପି.– ପଞ୍ଚାନନ ଦାସ, ଜା: ଖଣ୍ଡାୟତ, ବା: ନିଜଗାଁ | ୨୫୩୪ | ଶାରଦ – ୨ | ୦.୬୦ | ୦.୦୨ | |
| ୬୫ | ୬୬୬ | ଶ୍ରୀଧର ପରିଡ଼ା, ପି.– ଜଗା ପରିଡ଼ା, ସୀତା ପରିଡ଼ା, ସ୍ୱା.– ଜଗା ପରିଡ଼ା, ଜା: ତନ୍ତୀ, ବା: ନିଜଗାଁ | ୨୦୯୩ | ଶାରଦ – ୧ | ୦.୩୪ | ୦.୦୫ | |
| ୬୬ | ୬୭୧ | ଶ୍ରୀମତୀ ମିଶ୍ର, ପି.– ମଧୁସୂଦନ ମିଶ୍ର, ବିଦ୍ୟାଧର ମିଶ୍ର, ପି.– ବୃନ୍ଦାବନ ମିଶ୍ର, ଜା: ବ୍ରାହ୍ମଣ, ବା: ହାଟସାହି | ୩୪୧ | ଶାରଦ – ୩ | ୦.୨୭ | ୦.୨୨ | ବିଦ୍ୟାଧର ମିଶ୍ର ଅଂଶ ପକ୍ଷେ ଖ.ସୁ.ଦ. ଲକ୍ଷ୍ମୀକାନ୍ତ କର, ପି.– ରମାକାନ୍ତ କର, ଜା: ବ୍ରାହ୍ମଣ, ବା: ନିଜଗାଁ, ରେ.ଦ.ନ. ୮୭୦ ତା୧୪।୦୩।୭୨ ଜ.ସ. ୩୦୦/– |
| | | | ୩୪୧/୩୦୯୯ | ଶାରଦ – ୨ | ୦.୨୬ | ୦.୨୬ | |
| ୬୭ | ୬୯୪ | ସୋମନାଥ ପରିଡ଼ା, କରୁଣାକର ପରିଡ଼ା, ପି.– ରାମଚନ୍ଦ୍ର ପରିଡ଼ା, ଜା: ତନ୍ତୀ, ବା: ନିଜଗାଁ | ୨୪୭୮ | ଶାରଦ – ୨ | ୦.୦୯ | ୦.୦୯ | |
| | | | ୨୪୭୯ | ଶାରଦ – ୨ | ୦.୦୪ | ୦.୦୪ | |
| ୬୮ | ୬୯୭ | ସୋମନାଥ ପରିଡ଼ା, କରୁଣାକର ପରିଡ଼ା, ପି.– ରାମଚନ୍ଦ୍ର ପରିଡ଼ା, ଯଶୋଦା ପରିଡ଼ା, ସ୍ୱା.– ରାମଚନ୍ଦ୍ର ପରିଡ଼ା, ଜା: ତନ୍ତୀ, ବା: ନିଜଗାଁ | ୨୫୦୩ | ଶାରଦ – ୨ | ୦.୧୨ | ୦.୧୨ | |
| | | | ୨୫୦୫ | ଶାରଦ – ୨ | ୦.୧୭ | ୦.୧୭ | |
| ୬୯ | ୬୯୯ | ସୋମନାଥ ପରିଡ଼ା, କରୁଣାକର ପରିଡ଼ା, ପି.– ରାମ ପରିଡ଼ା, ଯଶୋଦା ପରିଡ଼ା, ସ୍ୱା.– ରାମ ପରିଡ଼ା, ଉଦୟ ପରିଡ଼ା, ପି.– ବଲ୍ଲଭ ପରିଡ଼ା, ଭରତ ପରିଡ଼ା, ପି.– ଗଦେଇ ପରିଡ଼ା, ମାଗୁଣି ପରିଡ଼ା, ପି.– ଛକୁ ପରିଡ଼ା, ମାଗୁଣି ପରିଡ଼ା, ସ୍ୱା.– ଛକୁ ପରିଡ଼ା, ଜା: ତନ୍ତୀ, ବା: ନିଜଗାଁ | ୨୪୯୯ | ଶାରଦ – ୧ | ୦.୦୮ | ୦.୦୪ | |
| ୭୦ | ୭୧୬ | ହରେକୃଷ୍ଣ ଶଙ୍ଖୁଆ, ପି.– ମୂଳି ଶଙ୍ଖୁଆ, ଜା: ତନ୍ତୀ, ବା: କଣ୍ଟିଆଟିକର | ୨୪୧୪/୩୧୯୮ | ଶାରଦ – ୧ | ୦.୧୦ | ୦.୧୦ | |
| ୭୧ | ୭୨୦ | ହଳଧର ପଣ୍ଡା, କରୁଣାକର ପଣ୍ଡା, ଗୟାଧର ପଣ୍ଡା, ପ୍ରଭାକର ପଣ୍ଡା, ସୁଭଦ୍ରା ମିଶ୍ର, ପି.– ହୃଦାନନ୍ଦ ପଣ୍ଡା, ଜା: ବ୍ରାହ୍ମଣ, ବା: କଣ୍ଟିଆଟିକର | ୨୪୭୬ | ଶାରଦ – ୨ | ୦.୬୧୫ | ୦.୦୫ | |

ପରବର୍ତ୍ତୀ ପୃଷ୍ଠା ଦେଖନ୍ତୁ...



ସତ୍ୟ ହେଉଛି ଏକ କଣ୍ଟକିତ ବାଟ। ଏହି ବାଟରେ ଗଲେ ଲହୁଲୁହାଣ ହେବାକୁ ପଡ଼ିପାରେ। କିନ୍ତୁ ଏହା ହେଉଛି ସିଧା ବାଟ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ବାଆଁରା ଗ୍ରାମରେ ହାତୀପଲଙ୍କ ଉନ୍ମତ୍ତକାଣ୍ଡ

**ନରାଜ,୨୪।୯(ଡି.ଏନ୍.ଏ.):** ଚନ୍ଦକା-ଡମପଡା ଅଭୟାରଣ୍ୟରୁ ସୋମବାର ବିଳମ୍ବିତ ରାତିରେ ଆଠ ଗୋଟି ହାତୀ ଆସି ରାତି ତମାମ ବାଆଁରାଗ୍ରାମରେ ପଶି ଉନ୍ମତ୍ତକାଣ୍ଡ ଭିଆଇଛନ୍ତି। ମଙ୍ଗଳବାର ଭୋରୁ ଗ୍ରାମର ମହିଳାମାନେ ସ୍ନାନ କରିବାପାଇଁ ଗ୍ରାମ ପୋଖରୀକୁ ଯିବା ସମୟରେ ହାତୀପଲଙ୍କ ପାଖାପାଖି ହୋଇଯାଇଥିଲେ। ଅନ୍ଧାର ଥିବାରୁ ସେମାନେ ହାତୀଙ୍କୁ ଦେଖିପାରି ନ ଥିଲେ। ଜାଣିବା ପରେ ଭୟଭୀତ ହୋଇ ଗ୍ରାମକୁ ଆସି ଲୋକଙ୍କୁ ଡାକ ପକାଇଥିଲେ। ଗ୍ରାମର ଲୋକମାନେ ଯିବା ବେଳକୁ ହାତୀପଲଟି ଧୁଳିଆ ଷଣ୍ଢ ଠାକୁରଙ୍କ ଅଭିମୁଖେ ଯାଇ ବାଙ୍କୀ-କଟକ ମୁଖ୍ୟ ରାସ୍ତାକୁ ପାର ହୋଇ ଚନ୍ଦକା-ଡମପଡା ଅଭୟାରଣ୍ୟ ଅଭିମୁଖେ ଚାଲିଯାଇଥିଲେ। ଗ୍ରାମ ନିକଟରେ ପରିବା ଚାଷ କରିଥିବା ମଣ୍ଟୁ ରାଉତଙ୍କର ଏକ ଏକରରୁ ଊର୍ଦ୍ଧ୍ୱ କଖାରୁ, ଜହ୍ନି ଓ କଲରା ପରିବା ଚାଷକୁ ପାଦରେ ଦଳି ନଷ୍ଟ କରି ଦେଇଥିବା ବେଳେ ଅନ୍ୟ ପରିବା ଚାଷୀଙ୍କ ବିଲରେ ପଶି ନଷ୍ଟ କରି ଚାଲିଯାଇଛନ୍ତି। ପୂର୍ବରୁ ମଧ ଏଭଳି ହାତୀପଲ ଗ୍ରାମରେ ପଶି ଧନଜୀବନ ନଷ୍ଟ କରିବାର ଭୟ ଥିବାରୁ ଗ୍ରାମବାସୀ ଭୟଭୀତରେ ଅଛନ୍ତି।

### କେନାଲରୁ ମୃତଦେହ ଉଦ୍ଧାର

**ବାଲିଅନ୍ତା,୨୪।୯(ଡି.ଏନ୍.ଏ.):** ବାଲିଅନ୍ତା ଥାନା ପାହାଳ ଫାଣ୍ଡି ଅଧୀନ ବଙ୍ଗୁଆରି ଗ୍ରାମ ନିକଟରେ ପ୍ରବାହିତ ପୁରୀ ମୁଖ୍ୟ କେନାଲରୁ ମଙ୍ଗଳବାର ଅପରାହ୍ନରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। କେନାଲର ଉପରମୁଣ୍ଡରୁ ଜଳରେ ଭାସି ଆସି ଏହି ମୃତଦେହଟି ବଙ୍ଗୁଆରୀ କେନାଲ ବ୍ରିଜ ନିକଟରେ ଭାସୁଥିଲା। ମୃତଦେହଟି ପାଣିରେ ପଡ଼ି ଫୁଲିଯିବା ସହ ପଚି ଦୁର୍ଗନ୍ଧ ହେବାରୁ ଲୋକେ ପୋଲିସକୁ ଜଣାଇଥିଲେ। ତେବେ ମୃତଦେହଟିର ପରିଚୟ ଅସ୍ପଷ୍ଟ ରହିଛି।

### ଘରୋଇ ପରିଚାରିକାଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀ

**ଭୁବନେଶ୍ୱର,୨୪।୯(ବ୍ୟୁରୋ):** ଘରୋଇ ପରିଚାରିକା ସର୍ବଭାରତୀୟ ସଂଘର ଓଡ଼ିଶା ଚାପ୍ଟର ଓ ନୂଆଦିଲ୍ଲୀର ନିର୍ମଳା ନିକେତନ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଏକ ହୋଟେଲରେ ରାଜ୍ୟସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଚାରିକାମାନଙ୍କ ଆଇନ ଓ ପ୍ରସ୍ତାବିତ ଶ୍ରମିକ କୋଡ ବିଷୟରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶ୍ରମିକ ବୋର୍ଡ ଅଧ୍ୟକ୍ଷ ସୁବାସ ସିଂ ଯୋଗଦେଇ ପରିଚାରିକାମାନଙ୍କ ପାଇଁ ଆବଶ୍ୟକ ରାଜ୍ୟ ସରକାରଙ୍କ ଯୋଜନାଗୁଡ଼ିକ ବିଷୟରେ ଅବଗତ କରାଇଥିଲେ। ଶ୍ରମିକ ବିରୋଧୀ ଆଇନକୁ ବିରୋଧ କରିବାକୁ ଅଣସଂଗଠିତ ଶ୍ରମିକମାନଙ୍କୁ ଏକାଠି ହେବାକୁ ପଡିବ ବୋଲି ଜାତୀୟ ଆବାହକ ସୁବାସ ଭଟ୍ଟନାଗର କହିଥିଲେ। ଓଡ଼ିଶା ଘରୋଇ ପରିଚାରିକା ମହାସଂଘର ପ୍ରତିଷ୍ଠାତା ସଭାପତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ସିଟି, ଏଆଇଟିୟୁସି, ଏଚଏମଏସ, ଏଆଇସିଟିୟୁର ପ୍ରତିନିଧି ମଣ୍ଡଳୀ ସହଯୋଗ କରିଥିଲେ।

### ଏନ୍‌ଏଚ୍‌ରେ ବଡ଼ ଗର୍ତ୍ତ

**ବାଲିଅନ୍ତା,୨୪।୯(ଡି.ଏନ.ଏ.):** ଭୁବନେଶ୍ୱର-କଟକ ୧୬ ନଂ ଜାତୀୟ ରାଜପଥ(ଏନ୍‌ଏଚ୍)ର ହଂସପାଳ ଛକ ନିକଟରେ ଏକ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଏହି ଗର୍ତ୍ତ ସହ ୪ଟି ଖାଲ ଥିବାରୁ ଲୋକଙ୍କ ଯିବାଆସିବାରେ ନାନା ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସେଥିରେ ପାଣି ଜମି ରହିବା ଯୋଗୁ ରାସ୍ତାରୁ ଧୀରେ ଧୀରେ ପିଚୁ ଉଠିଗଲାଣି। କଟକ ପଟୁ ଆସୁଥିବା ଗାଡ଼ିମୋଟର ଏହି ଖାଲରେ ପଡ଼ି ଦୁର୍ଘଟଣା ହୋଇ ଲୋକେ ଆହତ ହେଉଛନ୍ତି। ଏହି ରାସ୍ତାଦେଇ ଦୈନିକ ବହୁ ଗାଡ଼ିମୋଟର ଯାତାୟାତ କରୁଥିଲେ ମଧ ଏହାର ମରାମତି ଦିଗରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି।

### ରୋଟାରୀ କ୍ଲବ୍‌ର ଇଣ୍ଟର ସ୍କୁଲ ପ୍ରତିଯୋଗିତା

**ଭୁବନେଶ୍ୱର, ୨୪।୯(ବ୍ୟୁରୋ):** ରୋଟାରୀ କ୍ଲବ ଭୁବନେଶ୍ୱର ମେଟ୍ରୋ ପକ୍ଷରୁ ଯଦୁପୁରସ୍ଥିତ ସୟଦ ମମତାଜ୍ ଅଲ୍ଲୀ ହାଇସ୍କୁଲରେ 'ଇଣ୍ଟର ସ୍କୁଲ ଟାଲେଣ୍ଟ ସର୍ଚ୍ଚ' ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱରର ୭ଟି ସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଓଡ଼ିଆ ବକ୍ତୃତା, ରଚନା, ସଙ୍ଗୀତ ଓ କୁଇଜ ଆଦି ପ୍ରତିଯୋଗିତା କରାଯାଇଥିଲା। ରୋଟାରୀ ଜିଲା ଗଭର୍ନର ଦେବାଶିଷ ମିଶ୍ର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ କ୍ଲବ୍ ତରଫରୁ ସ୍ଥାପିତ ହୋଇଥିବା ଲାଇବ୍ରେରୀ ଉଦ୍‌ଘାଟନ କରାଯାଇଥିଲା। ରୋଟାରୀ ମେଟ୍ରୋ ସଭାପତି ଡ. ରମେଶ ରାୟ ଓ ଇନରହ୍ୱିଲ ସଭାପତି ସୁପ୍ରଭା ନନ୍ଦ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଶାରଦୀୟ ଦୁର୍ଗାପୂଜା– ବରମୁଣ୍ଡା ଦୁର୍ଗାପୂଜା କମିଟି

# 'ଅକ୍ଷରଧାମ'ରେ ବିରାଜିବେ ମା'



**ଭୁବନେଶ୍ୱର, ୨୪।୯(ବ୍ୟୁରୋ)**

ଆସୁଛି ପାର୍ବଣ, ଆସୁଛନ୍ତି ମା'। ଆଉ ମା'ଙ୍କ ସ୍ୱାଗତ ପାଇଁ ସଜେଇ ହେଉଛି ରାଜଧାନୀ। ଭିନ୍ନ ଭିନ୍ନ ଡିଜାଇନର୍ ତୋରଣ ସାଙ୍ଗକୁ ଆଖି ଝଲସା ସାଜସଜ୍ଜାକୁ ନେଇ ରାଜଧାନୀର ବିଭିନ୍ନ ମଣ୍ଡପଗୁଡ଼ିକ ମଧ୍ୟରେ ଚାଲିଛି ପ୍ରତିଦ୍ୱନ୍ଦ୍ୱିତା। ତେବେ ଏହି ପ୍ରତିଦ୍ୱନ୍ଦ୍ୱିତାରୁ ବାଦ୍ ଯାଇନି ବରମୁଣ୍ଡା ଦୁର୍ଗାପୂଜା କମିଟି। ଏଠାରେ ମୂର୍ତ୍ତି ଓ ତୋରଣ ନିର୍ମାଣ କାର୍ଯ୍ୟ ପ୍ରାୟତଃ ଶେଷ ହୋଇଆସୁଥିବା ବେଳେ ଏଥର ପୂଜାକୁ ଆକର୍ଷଣୀୟ କରିବା ପାଇଁ କମିଟି ପକ୍ଷରୁ ଅନେକ ନୂଆ ପଦକ୍ଷେପମାନ ନିଆଯାଇଛି। ଚଳିତବର୍ଷ ଏଠାରେ ୧୨୦ଫୁଟ ଉଚ୍ଚ ଏବଂ ୭୫ଫୁଟ ଚଉଡାର 'ଅକ୍ଷର ଧାମ' ସଦୃଶ ବିଶାଳ ତୋରଣ ଦୁର୍ଗାପୂଜାର ଶୋଭାବର୍ଦ୍ଧନ କରିବ।

୨୦୦୦ ମସିହାରୁ ପୂଜା ଆରମ୍ଭ କରିଥିବା ଏହି ପୂଜା କମିଟି ଏଥର ୧୯ବର୍ଷରେ ପଦାର୍ପଣ କରିଛି। ଭିନ୍ନ ଭିନ୍ନ ଡିଜାଇନ୍ ସହ ଗୁଆ, ଲେମ୍ବୁ, କଉଡ଼ି ଭଳି ସାମଗ୍ରୀରେ ତୋରଣ ତିଆରି କରି ପ୍ରତିବର୍ଷ ଚର୍ଚ୍ଚାରେ ରହିଥାଏ ଏହି ପୂଜାମଣ୍ଡପ। ତେବେ,ଏଥର ଗୁଜରାଟ ଗାନ୍ଧୀନଗରରେ ଥିବା ପ୍ରସିଦ୍ଧ 'ସ୍ୱାମୀନାରାୟଣ ଅକ୍ଷରଧାମ ମନ୍ଦିର' ଆକୃତିର ତୋରଣ ନିର୍ମାଣ କରି ପୂଜାର ଆକର୍ଷଣ ବଢ଼ାଇବାକୁ ଲକ୍ଷ୍ୟ ରଖିଛି କମିଟି। ପଶ୍ଚିମବଙ୍ଗରୁ ଆସିଥିବା ୩୦ରୁ ଊର୍ଦ୍ଧ୍ୱ ଦକ୍ଷ କାରିଗର ଏହି ତୋରଣ ନିର୍ମାଣ କରିଥିବାବେଳେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ମଧ ଏଠାକାର ଅନ୍ୟତମ ପ୍ରମୁଖ ଆକର୍ଷଣ ରହିବ। ୧୬ଫୁଟରେ ନିର୍ମିତ ହେବାକୁ ଥିବା ମା'ଙ୍କ ମୂର୍ତ୍ତି କେନ୍ଦ୍ରାପଡ଼ା ମାର୍ଶାଘାଇର ୬ଜଣ କାରିଗର ନିର୍ମାଣ କରିବେ। ସେହିଭଳି ରଙ୍ଗିନ ଆଲୋକମାଳାରେ ସମ୍ପୂର୍ଣ୍ଣ ଅଞ୍ଚଳକୁ ସଜାଯିବା ସହ ଏଲ୍‌ଇଡି ଗେଟ୍ ପ୍ରମୁଖ ଆକର୍ଷଣ ରହିବ। ପୂଜା ଅବସରରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ପାରମ୍ପରିକ ଢୋଲ ବାଜାର ଆୟୋଜନ କରାଯିବ। ପୂଜା ଆରମ୍ଭରୁ ଅର୍ଥାତ୍ ଷଷ୍ଠୀଦିନ ବେଲବରଣୀ କଳସଯାତ୍ରା କରାଯାଇ ପୂଜା ଆରମ୍ଭ କରାଯିବ ଏବଂ ସପ୍ତମୀରେ ଘୋଡ଼ାନାଚ ସହ ପ୍ରସାଦ ସେବନର ବ୍ୟବସ୍ଥା ରହିଛି। ଅଷ୍ଟମୀରେ ମା'ଙ୍କ ନିକଟରେ ଖେଚୁଡ଼ି ଭୋଗ ଅର୍ପଣ କରାଯିବ। ସନ୍ଧ୍ୟାରେ ମେଲୋଡ଼ି ଅନୁଷ୍ଠିତ ହେବ। ସେହିପରି ୯ମୀରେ ନବମୀ ପୂଜା ଓ ସନ୍ଧ୍ୟାରେ ମେଲୋଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଦଶମୀରେ ଏଠାରେ ଶ୍ରଦ୍ଧାଳୁମାନେ ରାବଣପୋଡ଼ି ଦେଖିବାର ସୁଯୋଗ ପାଇବେ। କମିଶନ୍‌ରେଟ୍ ପୋଲିସର କଟକଣା ଯୋଗୁ ରାଜଧାନୀର ପ୍ରମୁଖ ପୂଜାମଣ୍ଡପରେ ରାବଣପୋଡ଼ି ବନ୍ଦ ହୋଇଯାଇଥିବାବେଳେ ବରମୁଣ୍ଡାର ବଡ଼ ପଡ଼ିଆରେ କିନ୍ତୁ ଆତସବାଜି ସହ ରାବଣପୋଡ଼ି ଦେଖିବାକୁ ମିଳିବ। ଏହାସହ ଏହି ସନ୍ଧ୍ୟାରେ ରଙ୍ଗାରଙ୍ଗ ନାଚଗୀତ ପରିବେଷଣ କରାଯିବ।

**ପ୍ଲାଷ୍ଟିକ୍‌ମୁକ୍ତ ପୂଜା**



ଆମେ ଏଥର ପାରମ୍ପରିକ ଶୈଳୀରେ ମା'ଙ୍କ ପୂଜା କରିବୁ। ଡିଜେ ପରିବର୍ତ୍ତେ ପାରମ୍ପରିକ ଢୋଲ ବାଜାର ବ୍ୟବହାର କରାଯିବ। ଯଥାସମ୍ଭବ ପ୍ଲାଷ୍ଟିକ୍ ମୁକ୍ତ ପୂଜା ସହ ପ୍ଲାଷ୍ଟିକ୍‌ର ବ୍ୟବହାର ନ କରିବାକୁ ବ୍ୟାନର୍ ଲଗାଇ ଲୋକଙ୍କୁ ସଚେତନ କରାଯିବ। ପ୍ରତିବର୍ଷ ପରି ଚଳିତବର୍ଷ ମଧ ଏକ ଥିମ୍‌କୁ ନେଇ ତୋରଣ ପ୍ରସ୍ତୁତ କରାଯାଇଛି। ଅକ୍ଷରଧାମ ମନ୍ଦିରରେ ଏଥର ମା' ଦୁର୍ଗା ବିରାଜିତା ହେବେ।

**– ରାମ ରଣାସିଂହ, ସଭାପତି**

**ସୁରକ୍ଷା ଉପରେ ଗୁରୁତ୍ୱ**



ସାଜସଜ୍ଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ସୁରକ୍ଷା ବ୍ୟବସ୍ଥା ଉପରେ ଆମେ ଗୁରୁତ୍ୱ ଦେଇଛୁ। ଶ୍ରଦ୍ଧାଳୁମାନେ ଯେପରି ଶୃଙ୍ଖଳିତଭାବେ ଦର୍ଶନ କରିବେ, ସେଥିପାଇଁ ୧୦୦ଜଣ ସ୍ୱେଚ୍ଛାକୃତ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯିବ। ମହିଳା ଭକ୍ତଙ୍କ ସୁରକ୍ଷା ପାଇଁ ମହିଳା ଓ ପୁରୁଷଙ୍କ ପାଇଁ ସ୍ୱତନ୍ତ୍ର ଧାଡ଼ି ଦର୍ଶନ ବ୍ୟବସ୍ଥା କରାଯିବ। ମଣ୍ଡପ ଭିତରେ ଓ ବାହାରେ ୧୦ଟି ସିସିଟିଭି କ୍ୟାମେରା ଲଗାଯିବ।

**– ରଞ୍ଜନ କୁମାର ସେଠୀ, ଯୁଗ୍ମ ସମ୍ପାଦକ**

## କୃଷି ବିଭାଗ ବରିଷ୍ଠ ଅଧିକାରୀଙ୍କ ବୈଠକ

# ୫-ଟି ଆଧାରରେ କାର୍ଯ୍ୟଖସଡ଼ା ପ୍ରସ୍ତୁତ

**ଭୁବନେଶ୍ୱର, ୨୪।୯(ବ୍ୟୁରୋ)**

ରାଜ୍ୟ ସରକାର କୃଷି ଓ କୃଷକର ସର୍ବାଙ୍ଗୀନ ବିକାଶ ଦିଗରେ ଗୁରୁତ୍ୱ ପ୍ରଦାନ କରୁଥିବାବେଳେ ୫-ଟି ଆଧାରରେ ବିଭିନ୍ନ କୃଷିଭିତ୍ତିକ ଯୋଜନାର ସଫଳ ରୂପାୟନ ନିମନ୍ତେ ଲକ୍ଷ୍ୟ ରଖିଛନ୍ତି। ଏ ଦିଗରେ କାର୍ଯ୍ୟ କରିବାକୁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗ ନୋଡାଲ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର କୃଷି ଭବନଠାରେ ଆୟୋଜିତ କୃଷି ବିଭାଗର ବରିଷ୍ଠ ଅଧିକାରୀଙ୍କ ବୈଠକରେ ଡ. ଗର୍ଗ ଅଧକ୍ଷତା କରି ଏହା କହିଛନ୍ତି। ଏହି ଅବସରରେ ବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ନିମନ୍ତେ ୫-ଟିକୁ ଆଧାର କରି କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯାଇଥିଲା। ଏହାର ରୂପାୟନ ନିମନ୍ତେ ନୋଡାଲ୍ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା। ରାଜ୍ୟର କୃଷକଙ୍କ ଜୀବିକା ନିର୍ବାହ ଓ ଆୟ ବୃଦ୍ଧି କରିବା ଲକ୍ଷ୍ୟରେ ବିଭାଗ ପକ୍ଷରୁ ଏକାଧିକ ଯୋଜନା କାର୍ଯ୍ୟକାରୀ କରାଯାଉଥିବାବେଳେ ଏହାର ସଫଳ ରୂପାୟନ ଦିଗରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାର, ଉଦ୍ୟାନ କୃଷି ନିର୍ଦ୍ଦେଶକ ଡ. ବିଜୟ କେତନ ଉପାଧ୍ୟାୟଙ୍କ ସମେତ ବିଭାଗର ଅତିରିକ୍ତ ସଚିବ, ନିଗମର ପରିଚାଳନା ନିର୍ଦ୍ଦେଶକ ଓ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

# ଓଡ଼ିଶା ହେଉଛି ଏକ ଦିବ୍ୟଭୂମି: ରାଜ୍ୟପାଳ

**ଭୁବନେଶ୍ୱର, ୨୪।୯(ବ୍ୟୁରୋ)**



ଅସୀମା ସାହୁଙ୍କ କବିତା ସଂକଳନ 'ଇସାରାରେ ଡାକେ କିଏ ଦିଗ୍‌ବଳୟ ସେପାରିରୁ'କୁ ଉନ୍ମୋଚନ କରିବା ଅବସରରେ ରାଜ୍ୟପାଳ।

ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ସାରସ୍ୱତ ସର୍ଜନାର ଉତ୍ସ ଓ ଆଦର୍ଶ। ଶ୍ରୀଜଗନ୍ନାଥ ଚେତନାର ଦିଗ ଓ ଆବେଗର ବ୍ୟାପକତା ରହିଛି, ଯାହା ଯୁଗେ ଯୁଗେ କବିମାନଙ୍କୁ ଆକର୍ଷିତ କରିଆସିଛି। ମଣିଷ, ପ୍ରକୃତି, ଈଶ୍ୱର ଓ ବିଜ୍ଞାନ ଆମର ଚିନ୍ତା ଓ ଭାବନାକୁ ଆନ୍ଦୋଳିତ କରିଛି ଏବଂ ଏହା ଆମର ଦୃଷ୍ଟିର ବଳୟକୁ ପ୍ରସାରିତ କରିଛି ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି। ମଙ୍ଗଳବାର ରାଜଭବନରେ ଆୟୋଜିତ ଏକ ଉତ୍ସବରେ କବି ଡ. ଅସୀମା ସାହୁଙ୍କ କବିତା ସଂକଳନ 'ଇସାରାରେ ଡାକେ କିଏ ଦିଗ୍‌ବଳୟ ସେପାରିରୁ'କୁ ଉନ୍ମୋଚନ କରି ରାଜ୍ୟପାଳ କହିଥିଲେ, ଓଡ଼ିଶା ହେଉଛି ଏକ ଦିବ୍ୟ ଭୂମି ଓ ଏହାର ଭାଷା ହେଉଛି ଈଶ୍ୱରଙ୍କ ଭାଷା। ଓଡ଼ିଆ ଭାଷାର ସୁଦୀର୍ଘ ଐତିହ୍ୟ ଓ ପରମ୍ପରା ରହିଛି। ଏହି ଭାଷାରେ ଅନେକ କାଳଜୟୀ କୃତି ଓ କୀର୍ତ୍ତି ରହିଛି। ଏବେ ବି ଏହି ଭାଷା ଓ ସାହିତ୍ୟର କ୍ରିୟାଶୀଳତା ଉଲ୍ଲେଖନୀୟ ବୋଲି ରାଜ୍ୟପାଳ ମତବ୍ୟକ୍ତ କରିଛନ୍ତି। ବିଶିଷ୍ଟ ଲେଖକ ଓ ଚିନ୍ତକ ହରପ୍ରସାଦ ଦାସ ଓଡ଼ିଆ କବିତା ସମ୍ପର୍କରେ ସୂଚନା ଦେବାସହ ସାମ୍ପ୍ରତିକ ସାହିତ୍ୟର ଗତି ଓ ପ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ବିଶିଷ୍ଟ ଗାଳ୍ପିକ ତଥା ପ୍ରକାଶକ ପ୍ରକାଶ ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ସାରସ୍ୱତ ସାଧକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଶେଷରେ କବି ଅସୀମା ସାହୁ ଉନ୍ମୋଚିତ କବିତା ଗ୍ରନ୍ଥରୁ କେତୋଟି କବିତା ଆବୃତ୍ତି କରିଥିଲେ।

## ମହିଳା ଡାକ୍ତରଙ୍କୁ ଦୁର୍ବ୍ୟବହାର, ହତ୍ୟା ଧମକ

# ମୁଖ୍ୟ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨୪।୯(ବ୍ୟୁରୋ)**

ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ ଗର୍ଭପାତ ଘଟଣାକୁ ନେଇ ବିବାଦୀୟ ପରିସ୍ଥିତ ଉପୁଜିଥିଲା। ତ୍ରୁଟିପୂର୍ଣ୍ଣ ଗର୍ଭପାତ ଯୋଗୁ ତାଙ୍କ ସ୍ତ୍ରୀ ଗର୍ଭବତୀ ହେବାରୁ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିଥିବା ଅଭିଯୋଗ ଆଣିଥିଲେ ଜଣେ ଯୁବକ। ସେ ତାଙ୍କ ସହଯୋଗୀଙ୍କ ସହ ହସ୍ପିଟାଲରେ ପଶି ଆତଙ୍କ ଖେଳାଇଥିଲେ। ଗର୍ଭପାତ କରିଥିବା ସ୍ତ୍ରୀ ଓ ପ୍ରସୂତି ବିଭାଗର ଜଣେ ମହିଳା ଡାକ୍ତରଙ୍କୁ ଦୁର୍ବ୍ୟବହାର କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏହି ଘଟଣାରେ ମଙ୍ଗଳବାର ପୋଲିସ ମୁଖ୍ୟ ଅଭିଯୁକ୍ତ ପଟିଆ ତଳ ସାହି ଅଞ୍ଚଳରେ ରହୁଥିବା ଅଭିଯୁକ୍ତ ଲକ୍ଷ୍ମଣ ପାତ୍ରଙ୍କୁ ଗିରଫ କରିଛି। ଏଥିରେ ସମ୍ପୃକ୍ତ ଅନ୍ୟତମ ଅଭିଯୁକ୍ତ ଲକ୍ଷ୍ମଣଙ୍କ ପୁତୁରା ମନୋଜଙ୍କୁ ଗତ ୧୨ ତାରିଖରେ ଗିରଫ କରିଥିଲା।

ପୋଲିସ ସୂଚନା ମୁତାବକ, ୨ ମାସ ତଳେ ପଟିଆ ଅଞ୍ଚଳର ଜଣେ ଗର୍ଭବତୀ ମହିଳା ଘରୋଇ ହସ୍ପିଟାଲକୁ ଚିକିତ୍ସା ପାଇଁ ଆସିଥିଲେ। ଡାକ୍ତର କାର୍ତ୍ତାୟାନୀ ପଣ୍ଡା ଯାଞ୍ଚ କରିବା ପରେ ଗର୍ଭପାତ କରାଯାଇଥିଲା। ମାତ୍ର ଗର୍ଭପାତ ପରେ ମହିଳା ଗର୍ଭବତୀ ଥିବା ତାଙ୍କ ସ୍ୱାମୀ ଅଭିଯୋଗ ଆଣିଥିଲେ। ମହିଳାଙ୍କ ସମ୍ପର୍କୀୟ ଲକ୍ଷ୍ମଣ ପାତ୍ର ଏବଂ ତାଙ୍କ ପୁତୁରା ହସ୍ପିଟାଲ ପରିସରରେ ପଶି ଡାକ୍ତରଙ୍କୁ ହତ୍ୟା ଧମକ ଦେଇଥିଲେ। ଏ ନେଇ ମହିଳା ଡାକ୍ତର ଜଣକ ଅଭିଯୋଗ କରିବା ପରେ ପୋଲିସ ୨ଟି ମାମଲା ରୁଜୁ କରିଥିଲା। ଏ ସଂକ୍ରାନ୍ତରେ ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ କହିଛନ୍ତି, ମହିଳା ଡାକ୍ତର ପଣ୍ଡାଙ୍କ ଅଭିଯୋଗ ଆଧାରରେ ନଂ.୩୪୭/୧୯ରେ ମାମଲା ରୁଜୁ ହୋଇଥିଲା। ସେହିପରି ମହିଳାଙ୍କ ସ୍ୱାମୀଙ୍କ ଅଭିଯୋଗ ଆଧାରରେ ନଂ. ୩୪୬/୧୯ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିଲା। ହସ୍ପିଟାଲ ପରିସରରେ ମହିଳା ଡାକ୍ତରଙ୍କୁ ଗାଳିଗୁଲଜ କରିବାରେ ସମ୍ପୃକ୍ତ ଥିବା ଲକ୍ଷ୍ମଣଙ୍କୁ ମଙ୍ଗଳବାର ଗିରଫ କରାଯାଇଥିବା ବେଳେ ପୂର୍ବରୁ ତାଙ୍କ ପୁତୁରାଙ୍କୁ ଗିରଫ କରାଯାଇଥିଲା। କ୍ୟାପିଟାଲ ହସ୍ପିଟାଲର ଏକ ଡାକ୍ତର ଟିମ ଉକ୍ତ ଘଟଣାର ତଦନ୍ତ କରୁଛନ୍ତି। ମହିଳା ଡାକ୍ତର ଜଣଙ୍କ ତାଙ୍କର ଅପରେଶନ କାର୍ଯ୍ୟ ଠିକ୍ ଭାବେ କରିଛନ୍ତି କି ନାହିଁ ତାହା ବିଭିନ୍ନ ପର୍ଯ୍ୟାୟରେ ତଦନ୍ତ ହେଉଛି ବୋଲି ସେ କହିଛନ୍ତି।

### ଜାତୀୟ ସେବା ଯୋଜନାର ୫୦ତମ ଦିବସ

**ଭୁବନେଶ୍ୱର, ୨୪।୯(ବ୍ୟୁରୋ):** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ମଙ୍ଗଳବାର ରାଜ୍ୟସ୍ତରୀୟ ଜାତୀୟ ସେବା ଯୋଜନାର ୫୦ତମ ଦିବସ ପାଳିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଧ୍ୟକ୍ଷ ଅମରେନ୍ଦ୍ର ପଟ୍ଟନାୟକ ଜାତୀୟ ସେବା ଯୋଜନା ଦିବସର ପତାକା ଉତ୍ତୋଳନ କରି ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ପ୍ରାରମ୍ଭରୁ ଜାତୀୟ ସେବା ଯୋଜନା ପକ୍ଷରୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ସଚିବ ସୁବ୍ରତ ପଣ୍ଡା, ଉପସଚିବ ଡ. ଯଶୋବନ୍ତ ସାମଲ, ନକୁଳ ଦେହୁରୀ, ଆଲୋଚକ ଗୌରାଙ୍ଗ ଚନ୍ଦ୍ର ପରିଡ଼ା, ଦେବଯାନୀ ଧଳ ପ୍ରମୁଖ ଉପସ୍ଥିତ ଥିଲେ। ଡ. ଦୀପକ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମା' କାଳୁଆଶୁଣୀ ପୀଠରେ ଷୋଡ଼ଶ ପୂଜା

**ନରାଜ,୨୪।୯(ଡି.ଏନ୍.ଏ.):** ବାରଙ୍ଗ ବ୍ଲକ ଅନ୍ତର୍ଗତ ବାଙ୍କୀ-କଟକ ମୁଖ୍ୟରାସ୍ତାର ଗୋଡିସାହିସ୍ଥିତ ମା' କାଳୁଆଶୁଣୀ ପୀଠରେ ଷୋଡଶ ଉପଚାର ପୂଜା ଉତ୍ସବ ଆରମ୍ଭ ହୋଇଯାଇଛି। ଗତ ୨୧ ତାରିଖ ଠାରୁ ମା'ଙ୍କ ଏହି ପୂଜା ଆରମ୍ଭ ହୋଇ ଆଗାମୀ ଦଶହରା ପର୍ଯ୍ୟନ୍ତ ଜାରି ରହିବ। ପ୍ରଥମ ଦିନରୁ କଳସ ଯାତ୍ରା ଓ ସହସ୍ର କୁମ୍ଭାଭିଷେକ ହୋଇ ପ୍ରତ୍ୟେକ ଦିନ ମା'ଙ୍କ ସୂର୍ଯ୍ୟପୂଜା, ମହାସ୍ନାନ, ଷୋଡଶ ଉପଚାର ପୂଜା, ଚଣ୍ଡିପାଠ ଓ ହୋମଯଜ୍ଞ ହୋଇଥାଏ। ଦଶମୀ ଦିନ ମା'ଙ୍କ ପାଖରେ ଅପରାଜିତା ପୂଜା ଅନୁଷ୍ଠିତ ହେବ ବୋଲି ପଣ୍ଡିତ ସୁବାସ ମିଶ୍ର ପ୍ରକାଶ କରିଛନ୍ତି। ଏଥିସହିତ ବିଭିନ୍ନ ଦିବସରେ ମା'ଙ୍କୁ ବିଭିନ୍ନ ବେଶରେ ସଜ୍ଜିତ କରାଯିବ ବୋଲି ମନ୍ଦିରର କର୍ମକର୍ତ୍ତାମାନେ କହିଛନ୍ତି।

# ସଚେତନତା ଦ୍ୱାରା ଏଡ୍‌ସ ନିରାକରଣ ସମ୍ଭବ




**ଭୁବନେଶ୍ୱର, ୨୪।୯(ବ୍ୟୁରୋ)**

ବିଗତ କିଛି ଦଶନ୍ଧି ଧରି ଏଡ୍‌ସ ମାରାତ୍ମକ ରୋଗ ଭାବେ ଉଭା ହୋଇଛି। ଏଥିରୁ ମୁକ୍ତି ପାଇଁ ଜନସଚେତନତା ଆବଶ୍ୟକ। ୨୦୧୯ ଜୁଲାଇ ସୁଦ୍ଧା ରାଜ୍ୟରେ ୪୮,୮୯୪ ଏଡ୍‌ସ ରୋଗୀ ଚିହ୍ନଟ ହୋଇଥିବାବେଳେ ତନ୍ମଧ୍ୟରୁ ୮୬% ରୋଗୀଙ୍କୁ ଆଣ୍ଟି ରିଟ୍ରୋଭାଲ୍ ଥେରାପି ମାଧ୍ୟମରେ ନାକୋ ଦ୍ୱାରା ବିନାମୂଲ୍ୟରେ ଔଷଧ ଯୋଗାଇ ଦିଆଯାଉଛି। ୯୬% ଗର୍ଭବତୀ ମହିଳାଙ୍କ ଏଡ୍‌ସ ପରୀକ୍ଷା କରାଯାଇଥିବାବେଳେ ସେଥିରୁ ୨୨୬ ଜଣ ମହିଳାଙ୍କଠାରେ ଏଡ୍‌ସ ସଂକ୍ରମଣ ଚିହ୍ନଟ ହୋଇଛି। ବ୍ୟାପକ ସଚେତନତା କାର୍ଯ୍ୟକ୍ରମ 'ନୋ ୟୋର ଏଚ୍‌ଆଇଭି ଷ୍ଟାଟସ୍' ଦ୍ୱାରା ଏଡ୍‌ସ ସଂକ୍ରମଣକୁ ପ୍ରଶମିତ କରାଯାଇ ପାରିଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ କହିଛନ୍ତି। ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି ପକ୍ଷରୁ ମଙ୍ଗଳବାର ପାନ୍ଥନିବାସଠାରେ ରାଜ୍ୟସ୍ତରୀୟ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ଏହି ଅବସରରେ ଏଡ୍‌ସ ନିୟନ୍ତ୍ରଣ ପାଇଁ ୨୦୧୯-୨୦ ଆର୍ଥିକ ବର୍ଷରେ ହେବାକୁ ଥିବା ବ୍ୟାପକ ସ୍ୱାସ୍ଥ୍ୟ ଶିବିର ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସମିତିର ପ୍ରକଳ୍ପ ନିର୍ଦ୍ଦେଶକ ଗୁହା ପୁନମ ତାପସ୍ କୁମାର ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥାପନ କରିଥିଲେ। ଶ୍ରମ ଆୟୁକ୍ତ ନିରଞ୍ଜନ ସାହୁ, ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ଦିଲ୍ଲୀପ କୁମାର ଷଡ଼ଙ୍ଗୀ ଯୋଗଦେଇଥିବାବେଳେ ସମିତିର ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ରାମଚନ୍ଦ୍ର ରାଉତ ଧନ୍ୟବାଦ ଦେଇଥିଲେ।

## ଅନାଥ ଶିଶୁପୁତ୍ରକୁ ସହାୟତାର ହାତ ବଢ଼ାଇଲେ ଡାକ୍ତର

# ବର୍ଷକ ପର୍ଯ୍ୟନ୍ତ ଖାଦ୍ୟ, ଔଷଧ ଯୋଗାଇବେ

**ମାହାଙ୍ଗା,୨୪।୯(ସ୍ୱ.ପ୍ର.)**



- ଜନ୍ମ ପୂର୍ବରୁ ବାପା ଓ ପରେ ମା'କୁ ହରାଇଛି ଶିଶୁପୁତ୍ର
- ଜେଜେ ମା', ଜେଜେ ବାପା କରୁଛନ୍ତି ଲାଳନ ପାଳନ

ମାହାଙ୍ଗା ଅଞ୍ଚଳର ଜଣେ ଶିଶୁପୁତ୍ର ମା'ଗର୍ଭରେ ଥିବାବେଳେ ତା'ର ବାପାଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ଏହାର ୩ମାସ ପରେ ଶିଶୁପୁତ୍ର ଜନ୍ମ ହୋଇଥିଲା। ଶିଶୁପୁତ୍ର ଜନ୍ମ ହେବାର ୭ ଦିନ ମଧ୍ୟରେ ମା'ର ମୃତ୍ୟୁ ହୋଇ ଯାଇଥିଲା। ଫଳରେ ଏହି ଶିଶୁପୁତ୍ର ମା'ବାପାଙ୍କୁ ହରାଇ ଅନାଥ ହୋଇ ଜେଜେ ମା'ଓ ଜେଜେ ବାପାଙ୍କ ନିକଟରେ ରହିଥିଲା। ଗରିବ ଜେଜେ ମା'ଓ ଜେଜେମା ବାପା ମା' ଛେଉଣ୍ଡ ଶିଶୁକୁ ଅଭାବ ଅନାଟନ ମଧ୍ୟରେ ଲାଳନ ପାଳନ କରିଥିଲେ। ନିକଟରେ ଶିଶୁଟି କାମଳ ରୋଗରେ ଆକ୍ରାନ୍ତ ହେବାରୁ ତାକୁ ମାହାଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଥିବା ଶିଶୁରୋଗ ବିଶେଷଜ୍ଞ ତଥା ଭାରପ୍ରାପ୍ତ ଚିକିତ୍ସାଧିକାରୀ ହେମନ୍ତ ସିଂହ ଏବଂ ସ୍ୱାସ୍ଥ୍ୟକେନ୍ଦ୍ର ବିତ୍ତ ପରିଚାଳକ ସନ୍ତୋଷ ଶତପଥୀ ଶିଶୁ ସମ୍ପର୍କରେ ଶୁଣିବା ପରେ ତାକୁ ସହାୟତାର ହାତ ବଢ଼ାଇଥିଲେ। ଏକ ବର୍ଷ ପର୍ଯ୍ୟନ୍ତ ଶିଶୁର ସମସ୍ତ ଖାଦ୍ୟ ଓ ଔଷଧ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସେହି ଅନୁସାରେ ମଙ୍ଗଳବାର ଡା. ସିଂହ ଶିଶୁର ଘରକୁ ଆସି ତାର ଜେଜେ ମା' ଓ ଜେଜେ ବାପାଙ୍କୁ ୫ ହଜାର ଟଙ୍କା ପ୍ରଦାନ କରିବା ସହ ଏକ ବର୍ଷ ପାଇଁ ସମସ୍ତ ଖାଦ୍ୟ ଓ ଔଷଧ ଦେବା ପାଇଁ ଦାୟିତ୍ୱ ନେଇଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ବିତ୍ତ ଅଧିକାରୀ ତଥା ସମ୍ଭବ ଅନୁଷ୍ଠାନ ଆବାହକ ଶତପଥୀ ୨ହଜାର ଟଙ୍କା ଶିଶୁ ପରିବାରକୁ ପ୍ରଦାନ କରିଛନ୍ତି। ଏଥିରେ ଯୁବ ସଙ୍ଗଠକ ଆଲୋକ ବାରିକ ଓ ସୁଦର୍ଶନ ରାଉତ ଉପସ୍ଥିତ ଥିଲେ। ଡା. ସିଂହଙ୍କ ଏହି ମହାନୀୟତା କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

ପ୍ରକାଶଯୋଗ୍ୟ, ମାହାଙ୍ଗା ବ୍ଲକ ଶ୍ରୀକୃଷ୍ଣପୁର ଗ୍ରାମର ଦୀପକ ବେହେରା ଗତ ମାର୍ଚ୍ଚ ୧୯ରେ ବାଇକ ଯୋଗେ କଟକ ଯାଉଥିବାବେଳେ ପାଗା ଛକରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଫଳରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ଏହି ସମୟରେ ତାଙ୍କ ସ୍ତ୍ରୀ ମିନାକ୍ଷୀ ଗର୍ଭବତୀ ଥିଲେ। ଜୁଲାଇ ୧୪ରେ ଟାଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କର ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା। ସେଠାରେ ୫ଦିନ ରହି ଘରକୁ ଆସିବା ପରେ ମିନାକ୍ଷୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇ ପଡିଥିଲା। ପରେ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ୨ ଦିନ ଚିକିତ୍ସିତ ହେବା ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଫଳରେ ଜନ୍ମ ହୋଇଥିବା ଶିଶୁ ପୁତ୍ର ମା'ବାପା ଛେଉଣ୍ଡ ହୋଇ ଯାଇଥିଲା। ପୁଅ ଓ ବୋହୂକୁ ହରାଇଥିବା ଦ୍ୱୈତାରୀ ଓ ସୁଲୋଚନା ନାତିକୁ ଲାଳନପାଳନ କରିଥିଲେ।

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୨୫/୨୦୧୯ Bhubaneswar, Wednesday, September 25/2019

## ସଂକ୍ଷେପରେ

ସୈନିକ ସ୍କୁଲ ପ୍ରବେଶିକା ପରୀକ୍ଷା

### ଅକ୍ଟୋବର ୧୦କୁ ଘୁଞ୍ଚିଲା ଆବେଦନ

**ଭୁବନେଶ୍ୱର, ୨୪।୯(ବ୍ୟୁରୋ):** ସର୍ବଭାରତୀୟ ସୈନିକ ସ୍କୁଲ ପ୍ରବେଶିକା ପରୀକ୍ଷା ନିମନ୍ତେ ଆବେଦନ ଅବଧି ଆସନ୍ତା ଅକ୍ଟୋବର ୧୦କୁ ଘୁଞ୍ଚିଛି। ପୂର୍ବ ନିର୍ଦ୍ଧାରିତ ଆବେଦନର ଶେଷ ତାରିଖ ସେପ୍ଟେମ୍ବର ୨୩ତାରିଖ ଥିଲା। ଯେଉଁ ପରୀକ୍ଷାର୍ଥୀମାନେ କୌଣସି କାରଣରୁ ପୂର୍ବନିର୍ଦ୍ଧାରିତ ତାରିଖ ଭିତରେ ଆବେଦନ କରିପାରି ନାହାନ୍ତି, ସେମାନେ ସୈନିକ ସ୍କୁଲ ଭୁବନେଶ୍ୱର(ଷଷ୍ଠ, ନବମ ଶ୍ରେଣୀ) ଓ ସୈନିକ ସ୍କୁଲ ସମ୍ବଲପୁର(ଷଷ୍ଠ ଶ୍ରେଣୀ) ପାଇଁ sainikschooladmission.inରେ ଅକ୍ଟୋବର ୧୦ ସୁଦ୍ଧା ଆବେଦନ କରିପାରିବେ ବୋଲି ବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ଓସିଏ ନିର୍ବାଚନ

### କୋରାପୁଟ ଆଥଲେଟିକ୍ ଆସୋସିଏଶନ ପ୍ରତିନିଧି ବଦଳାଇବାକୁ ନିର୍ଦ୍ଦେଶ

**କଟକ ଅଫିସ, ୨୪।୯:** ଶୁକ୍ରବାର ହେବାକୁ ଥିବା ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ନିର୍ବାଚନ ପାଇଁ କୋରାପୁଟ ଆଥଲେଟିକ୍ ଆସୋସିଏଶନ ପକ୍ଷରୁ ସମ୍ପାଦକ ଅନୁପ କୁମାର ପାତ୍ରଙ୍କୁ ପ୍ରତିନିଧି କରାଯାଇଛି। ତେବେ ମଙ୍ଗଳବାର ପାତ୍ରଙ୍କ ବଦଳରେ ଅନ୍ୟଜଣେ ପ୍ରତିନିଧିଙ୍କୁ ଭୋଟ ଦେବାକୁ ପଠାଇବା ପାଇଁ କୋରାପୁଟ ଜିଲାପାଳଙ୍କୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ହାଇକୋର୍ଟଙ୍କ ଏହି ଆଦେଶ ପରେ ପାତ୍ର ଓସିଏ ନିର୍ବାଚନରେ ଭାଗ ନେଇ ପାରିବେ ନାହିଁ ବୋଲି ସ୍ପଷ୍ଟ ହୋଇଛି। କୋରାପୁଟ ଜିଲା ଆଥଲେଟିକ୍ ଆସୋସିଏଶନ୍‌ର ପୂର୍ବତନ ଉପସଭାପତି ଜେ. ହେମାଚନ୍ଦ୍ର ରାଓ ଓସିଏ ନିର୍ବାଚନରେ ପାତ୍ରଙ୍କ ପ୍ରତିନିଧିତ୍ୱକୁ ଚ୍ୟାଲେଞ୍ଜ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାର ବିଚାର କରି ବିଚାରପତି ଜଷ୍ଟିସ୍ ସି.ଆର. ଦାଶ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ତାଙ୍କ ପିଟିଶନ୍‌ରେ ଦର୍ଶାଇଥିଲେ, ୨୦୧୫ ଏପ୍ରିଲ ୧୮ରେ କୋରାପୁଟ ଆଥଲେଟିକ୍ ଆସୋସିଏଶନ୍‌ର ନିର୍ବାଚନ ହୋଇଥିଲା। ଏହାର କାର୍ଯ୍ୟକାଳ ୪ବର୍ଷ ଥିଲାବେଳେ ଗତ ଏପ୍ରିଲରେ ଶେଷ ହୋଇଛି। ତେଣୁ ଏହି ଆସୋସିଏଶନ୍‌ର ବର୍ତ୍ତମାନ କୌଣସି କାର୍ଯ୍ୟକର୍ତ୍ତା ନାହାନ୍ତି। କେବଳ କୋରାପୁଟ ଜିଲାପାଳ ଏହାର ଏକ୍ସଅଫିସିଓ ସଭାପତି ରହିଛନ୍ତି। ତେଣୁ ଏଭଳି କ୍ଷେତ୍ରରେ ଆସୋସିଏଶନ ସମ୍ପାଦକଙ୍କୁ ଭୋଟ୍ ପ୍ରକ୍ରିୟା ଲାଗି ଚୟନ କରିବା ଆଇନ ବିରୋଧୀ। ତେଣୁ ଓସିଏ ପକ୍ଷରୁ ପ୍ରକାଶିତ ଭୋଟର ତାଲିକାକୁ ରଦ୍ଦ କରିବାକୁ ଆବେଦନକାରୀ ହାଇକୋର୍ଟଙ୍କୁ ପ୍ରାର୍ଥନା କରିଥିଲେ।

# ଦୁର୍ଗାପୂଜା ପାଇଁ ୧୦ ସ୍ୱତନ୍ତ୍ର ଟ୍ରେନ

ଭୁବନେଶ୍ୱର, ୨୪।୯(ବ୍ୟୁରୋ)

ଦୁର୍ଗାପୂଜା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ୧୦ ସ୍ୱତନ୍ତ୍ର ଟ୍ରେନ ବ୍ୟବସ୍ଥା କରାଯାଇଛି। ଯାତ୍ରୀ ସଂଖ୍ୟା ବୃଦ୍ଧି ସମ୍ଭାବନା ଥିବାରୁ ଚଳାଚଳ କରୁଥିବା ଟ୍ରେନଗୁଡ଼ିକର ଅତିରିକ୍ତ କୋଚ୍ ବ୍ୟବସ୍ଥା କରାଯାଇଛି। ନିୟମିତ ଟ୍ରେନଗୁଡ଼ିକରେ ମାତ୍ରାଧିକ ଅପେକ୍ଷା ସୂଚୀ ଏଡ଼ାଇବାକୁ ଏହି ସ୍ୱତନ୍ତ୍ର ଟ୍ରେନର ବ୍ୟବସ୍ଥା କରାଯାଇଛି ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି। ତେବେ ଏହି ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକ ହେଲା ପୁରୀ-ସନ୍ତ୍ରାଗଛି-ପୁରୀ ସ୍ପେଶାଲ, ପୁରୀ-ଶାଲିମାର-ପୁରୀ ସ୍ପେଶାଲ, ଭୁବନେଶ୍ୱର-ସିକନ୍ଦରାବାଦ-ଭୁବନେଶ୍ୱର, ବିଶାଖାପାଟଣା-ସିକନ୍ଦରାବାଦ-ବିଶାଖାପାଟଣା, ବିଶାଖାପାଟଣା-ତିରୁପତି-ବିଶାଖାପାଟଣା, କାଚେଗୁଡା-ଟାଟା-କାଚେଗୁଡା, ସନ୍ତ୍ରାଗଛି-ଚେନ୍ନାଇ-ସନ୍ତ୍ରାଗଛି, ସିକନ୍ଦରାବାଦ-ଭୁବନେଶ୍ୱର-ସିକନ୍ଦରାବାଦ, ସମ୍ବଲପୁର-ବନସ୍ୱାଡ଼ି-ସମ୍ବଲପୁର ଓ ହବିବ୍‌ଗଞ୍ଜ-ପୁରୀ-ହବିବ୍‌ଗଞ୍ଜ।

ପୁରୀ-ସନ୍ତ୍ରାଗଛି-ପୁରୀ ଟ୍ରେନ୍ (୦୮୪୦୩/୦୮୪୦୪) ୪ ଅକ୍ଟୋବରରୁ ୨୭ ଡିସେମ୍ବର ପର୍ଯ୍ୟନ୍ତ ପ୍ରତି ଶୁକ୍ରବାର ପୁରୀରୁ ରାତି ୯ଟା ୨୫ରେ ଛାଡ଼ିବ। ଏହି ତାରିଖ ମଧ୍ୟରେ ପୁରୀ-ଶାଲିମାର-ପୁରୀ ଟ୍ରେନ୍ (୦୮୦୩୭/୦୮୦୩୮) ୫ ଅକ୍ଟୋବରରୁ ୨୮ ଡିସେମ୍ବର ପର୍ଯ୍ୟନ୍ତ ପ୍ରତି ଶନିବାର ୧୧ଟା ୫୫ରେ ପୁରୀରୁ ଛାଡ଼ିବ। ଭୁବନେଶ୍ୱର-ସିକନ୍ଦରାବାଦ-ଭୁବନେଶ୍ୱର ଏସି ଟ୍ରେନ ୩ ଅକ୍ଟୋବରରୁ ୨୬ ଡିସେମ୍ବର ପର୍ଯ୍ୟନ୍ତ ପ୍ରତି ଗୁରୁବାର ଅପରାହ୍ନ ୧ଟା ୨୦ରେ ଛାଡ଼ିବ। କାଚେଗୁଡା-ଟାଟା-କାଚେଗୁଡା(୦୭୪୩୮/୦୭୪୩୯) ୮ ଅକ୍ଟୋବରରୁ ୩୧ ଡିସେମ୍ବର ପର୍ଯ୍ୟନ୍ତ ଟାଟାରୁ ପ୍ରତି ମଙ୍ଗଳବାର ରାତି ୧୦ଟା ୫୦ରେ ଛାଡ଼ିବ। ସନ୍ତ୍ରାଗଛି-ଚେନ୍ନାଇ-ସନ୍ତ୍ରାଗଛି (୦୨୮୪୧/୦୨୮୪୨) ୪ ଅକ୍ଟୋବରରୁ ୨୭ ଡିସେମ୍ବର ପର୍ଯ୍ୟନ୍ତ ସନ୍ତ୍ରାଗଛିରୁ ପ୍ରତି ଶୁକ୍ରବାର ଅପରାହ୍ନ ୧୨ଟା ୪୦ରେ ଓ ୫ ଅକ୍ଟୋବରରୁ ୨୮ ଡିସେମ୍ବର ପର୍ଯ୍ୟନ୍ତ ଚେନ୍ନାଇରୁ ପ୍ରତି ଶନିବାର ସନ୍ଧ୍ୟା ୬ଟା ୨୦ରେ ଛାଡ଼ିବ। ସିକନ୍ଦରାବାଦ-ଭୁବନେଶ୍ୱର-ସିକନ୍ଦରାବାଦ(୦୨୭୮୩/୦୨୭୮୪) ୩ ଅକ୍ଟୋବରରୁ ୨୮ ନଭେମ୍ବର ପର୍ଯ୍ୟନ୍ତ ଭୁବନେଶ୍ୱରରୁ ପ୍ରତି ଗୁରୁବାର ଓ ରବିବାର ସନ୍ଧ୍ୟା ୬ଟାରେ ଛାଡ଼ିବ। ସମ୍ବଲପୁର-ବନସ୍ୱାଡ଼ି-ସମ୍ବଲପୁର(୦୮୩୦୧/୦୮୩୦୨) ୨ ଅକ୍ଟୋବରରୁ ୨୫ ଡିସେମ୍ବର ପର୍ଯ୍ୟନ୍ତ ସମ୍ବଲପୁରରୁ ପ୍ରତି ବୁଧବାର ସକାଳ ୯ଟା ୩୫ରେ ଛାଡ଼ିବ। ୩ ଅକ୍ଟୋବରରୁ ୨୬ ଡିସେମ୍ବର ପର୍ଯ୍ୟନ୍ତ ବନସ୍ୱାଡ଼ିରୁ ପ୍ରତି ଗୁରୁବାର ରାତି ୧୧ଟା ୩୦ରେ ଛାଡ଼ିବ। ବିଶାଖାପାଟଣା-ସିକନ୍ଦରାବାଦ-ବିଶାଖାପାଟଣା (୦୮୫୦୧/୦୮୫୦୨) ଅକ୍ଟୋବର ୧ରୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ବିଶାଖାପାଟଣାରୁ ପ୍ରତି ମଙ୍ଗଳବାର ରାତି ୧୧ଟାରେ ଛାଡ଼ିବ। ୨ ଅକ୍ଟୋବରରୁ ୨୫ ଡିସେମ୍ବର ପର୍ଯ୍ୟନ୍ତ ସିକନ୍ଦରାବାଦରୁ ପ୍ରତି ବୁଧବାର ଅପରାହ୍ନ ୪ଟା ୩୦ରେ ଛାଡ଼ିବ। ବିଶାଖାପାଟଣା-ତିରୁପତି-ବିଶାଖାପାଟଣା ୭ ଅକ୍ଟୋବରରୁ ୩୦ ଡିସେମ୍ବର ପର୍ଯ୍ୟନ୍ତ ବିଶାଖାପାଟଣାରୁ ପ୍ରତି ସୋମବାର ରାତି ୧୦ଟା ୫୫ରେ ଓ ୮ ଅକ୍ଟୋବରରୁ ୩୧ ଡିସେମ୍ବର ପର୍ଯ୍ୟନ୍ତ ତିରୁପତିରୁ ପ୍ରତି ମଙ୍ଗଳବାର ଅପରାହ୍ନ ୩ଟା ୩୦ରେ ଛାଡ଼ିବ। ହବିବଗଞ୍ଜ-ପୁରୀ-ହବିବଗଞ୍ଜ(୦୧୬୬୧/୦୧୬୬୨) ୩୦ ଅକ୍ଟୋବର ପର୍ଯ୍ୟନ୍ତ ହବିବଗଞ୍ଜରୁ ପ୍ରତି ମଙ୍ଗଳବାର ସକାଳ ୭ଟା ୨୦ ଓ ପୁରୀଠାରୁ ପ୍ରତି ବୁଧବାର ଅପରାହ୍ନ ୩ଟାରେ ଛାଡ଼ିବାକୁ ବ୍ୟବସ୍ଥା କରାଯାଇଛି।

### ନିୟମିତ ଟ୍ରେନ୍‌ରେ କୋଚ ସଂଖ୍ୟା ବୃଦ୍ଧି



# କାର୍ ଅଟକାଇ ଗୁଳିମାଡ଼: ଯୁବକ ଗୁରୁତର

ଖୁଣ୍ଟୁଣୀ, ୨୪।୯ (ଡି.ଏନ୍.ଏ.)

କଟକ ଜିଲା ଚୌଦ୍ୱାର ଥାନା ଅଧୀନ ନୂଆପାଟଣା ବଜାର ଓ ମଧୁସୂଦନ ସେତୁ ମଧ୍ୟବର୍ତ୍ତୀ ରାସ୍ତାରେ ମଙ୍ଗଳବାର ରାତି ସାଢେ ୧୦ଟାରେ ଗୁଳିକାଣ୍ଡ ଘଟିଛି। ଦୁର୍ବୃତ୍ତମାନେ ଏକ କାର୍ ଅଟକାଇ ଚାଳକଙ୍କୁ ମାଡ଼ ମାରିବା ସହ ସେଥିରେ ବସିଥିବା ଜଣେ ଯୁବକଙ୍କୁ ଗୁଳିମାଡ଼ କରିଛନ୍ତି। ଏଥିସହ ଜଣେ ମହିଳା ଯାତ୍ରୀଙ୍କଠାରୁ ସୁନାହାର ଲୁଟିନେଇ ଚମ୍ପଟ ମାରିଛନ୍ତି। ଗୁଳିମାଡ଼ରେ ଆହତ ଯୁବକ ହେଲେ ଢେଙ୍କାନାଳ ଟାଉନ୍‌ର ବାବୁ ଓରଫ ଦିଲୀପ ସାମନ୍ତରାୟ। ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ ମେଡିକାଲରେ ଭର୍ତ୍ତି କରାଯାଇଛି। ଦିଲୀପ ଢେଙ୍କାନାଳ ଡିଏଫ୍‌ଓଙ୍କ ଗାଡ଼ିଚାଳକଙ୍କ ବଡଭାଇ ବୋଲି ଜଣାପଡ଼ିଛି।

ସୂଚନା ମୁତାବକ, ଦିଲୀପ ସକାଳେ ଢେଙ୍କାନାଳରୁ ଏକ ଟ୍ରାଭେଲ୍ସ ସଂସ୍ଥାର କାର୍ (ନଂ. ଓଡି ୦୬ ଜି-୧୭୮୬) ଭଡ଼ା କରି ପରିବାର ଲୋକଙ୍କ ସହ ପ୍ରଥମେ ଯାଜପୁରର ମା' ବିରଜା ଓ ପରେ ପୁରୀ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ସେଠାରୁ କଟକ ସିଡିଏ ବାଟେ ମଧୁସୂଦନ ସେତୁ ଦେଇ ଫେରୁଥିଲେ। ନୂଆପାଟଣା ବଜାର ନିକଟ ଏକ ନିଛାଟିଆ ସ୍ଥାନରେ ୨ଟି ବାଇକ୍‌ରେ ୪ଜଣ ଯୁବକ କାର୍‌କୁ ପିଛା କରି ଡ୍ରାଇଭରଙ୍କୁ ବନ୍ଧୁକ ଦେଖାଇ ଅଟକାଇଥିଲେ। ଏହାପରେ ଡ୍ରାଇଭରଙ୍କୁ ମାଡ଼ ମାରିବା ସହ ମହିଳାଙ୍କଠାରୁ ସୁନାହାର ଲୁଟି ନେଇଥିଲେ। ଦିଲୀପ ପ୍ରତିରୋଧ କରିବାରୁ ଦୁର୍ବୃତ୍ତମାନେ ତାଙ୍କ ଉପରକୁ ଗୁଳି ଚଳାଇ ଫେରାର ହୋଇଯାଇଥିଲେ। ପ୍ରବଳ ବର୍ଷା ହେଉଥିବାରୁ ସ୍ଥାନୀୟ ଲୋକେ ପ୍ରାୟ ଅଧଘଣ୍ଟା ବିଳମ୍ବରେ ଘଟଣା ସମ୍ପର୍କରେ ଖବର ପାଇ ସେଠାରେ ପହଞ୍ଚି ଆମ୍ବୁଲାନ୍ସରେ ଦିଲୀପଙ୍କୁ ମେଡିକାଲକୁ ପଠାଇଥିଲେ। ପରେ ଗୁରୁଡ଼ିଝାଟିଆ ଓ ଖୁଣ୍ଟୁଣୀ ଥାନା ଅଧିକାରୀଙ୍କ ସମେତ ଚୌଦ୍ୱାର ଏସ୍‌ଡିପିଓ ପ୍ରଶାନ୍ତ ମଲ୍ଲ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

### ମହିଳା ଯାତ୍ରୀଙ୍କଠାରୁ ଲୁଟିନେଲେ ସୁନାହାର




'ମୋ ସରକାର' କାର୍ଯ୍ୟକ୍ରମ ପାଇଁ ଡିଜିପିଙ୍କ କଲ୍‌ସେଣ୍ଟର ପରିଦର୍ଶନ

# ୩ ଅଭିଯୋଗକାରୀଙ୍କଠାରୁ ରିପୋର୍ଟ ନେଲେ

- ପ୍ରଥମେ କହିବାକୁ ସଂକୋଚ କରୁଛନ୍ତି ଲୋକେ
- ପୋଲିସ ବ୍ୟବହାର ଭଲ ନ ଥିବା ଜାଣିଲେ

ଭୁବନେଶ୍ୱର,୨୪।୯(ବ୍ୟୁରୋ)



ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ 'ମୋ ସରକାର' କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ଥାନାରେ ସ୍ୱଚ୍ଛତା ଆସିବ। ମିଳିବ ନ୍ୟାୟ ଓ ପୋଲିସର ଉତ୍ତମ ବ୍ୟବହାର। ଏନେଇ ରାଜ୍ୟ ପୋଲିସ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଥାନାଗୁଡ଼ିକୁ ଆସୁଥିବା ଅଭିଯୋଗକାରୀଙ୍କଠାରୁ ଥାନା ରିପୋର୍ଟ ପ୍ରସ୍ତୁତ ଚାଲିଛି। ମଙ୍ଗଳବାର ରସୁଲଗଡ଼ସ୍ଥିତ ଷ୍ଟେଟ୍ କ୍ରାଇମ୍ ରେକର୍ଡ ବ୍ୟୁରୋ ଅଫିସରେ ଥିବା ରାଜ୍ୟସ୍ତରୀୟ କଲ୍‌ସେଣ୍ଟରକୁ ଡିଜିପି ବି.କେ. ଶର୍ମା ପରିଦର୍ଶନରେ ଆସି ଅଭିଯୋଗ ସଂକ୍ରାନ୍ତରେ କର୍ମଚାରୀଙ୍କ ସହ ଆଲୋଚନା କରିଛନ୍ତି। ଏଥିସହ ୩ଥାନା ଯଥା ଭୁବନେଶ୍ୱରର ଧଉଳି, ନୟାଗଡ଼ ଓ ନବରଙ୍ଗପୁର ଥାନାକୁ ଆସିଥିବା ଜଣେ ଲେଖାଏ ଅଭିଯୋଗକାରୀଙ୍କ ସହ ସିଧାସଳଖ କଥାହୋଇ ରିପୋର୍ଟ ନେଇଛନ୍ତି। ଏଥିସହ ପୋଲିସର ବ୍ୟବହାର, ସେବା ଆଦି ସଂକ୍ରାନ୍ତରେ ପଚାରି ମାର୍କ ଦେବାକୁ କହିଥିଲେ। ତେବେ ଅଧିକାଂଶ ଅଭିଯୋଗକାରୀ ପୋଲିସର ବ୍ୟବହାରକୁ ନେଇ ଅସନ୍ତୋଷ ଜଣାଇଥିଲେ।

ଡିଜିପି ଶର୍ମା କଲ୍‌ସେଣ୍ଟରରୁ ବାହାରିବା ପରେ ଗଣମାଧ୍ୟମକୁ କହିଥିଲେ ଯେ, ରାଜ୍ୟ ସରକାରଙ୍କ 'ମୋ ସରକାର' କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପୋଲିସ ଅଫିସରଙ୍କୁ ଟ୍ରେନିଂ ଦିଆଯାଇଛି। ସେହିପରି ଲୋକଙ୍କଠାରୁ ଫିଡ୍‌ବ୍ୟାକ୍ ଗ୍ରହଣ କରାଯାଉଛି। ଜିଲା, ରେଞ୍ଜ୍ ଓ ରାଜ୍ୟସ୍ତରରେ ଫିଡ୍‌ବ୍ୟାକ୍ ଗ୍ରହଣ କରାଯିବା ସହ ତର୍ଜମା କରାଯାଉଛି। ରାଜ୍ୟସ୍ତରର ଫିଡ୍‌ବ୍ୟାକ୍ ଷ୍ଟେଟ୍ କ୍ରାଇମ୍ ରେକର୍ଡ ବ୍ୟୁରୋରେ ଗ୍ରହଣ କରାଯାଉଛି। ଥାନାକୁ ଯାଇଥିବା ୩ଜଣ ବ୍ୟକ୍ତିଙ୍କୁ ସେମାନଙ୍କ ଅନୁଭୂତି ସମ୍ପର୍କରେ ପଚାରି ବୁଝିବା ସହ ଫିଡ୍‌ବ୍ୟାକ ଗ୍ରହଣ କରିଥିଲି। ତେବେ ବିଭିନ୍ନ ସମୟରେ ଅଭିଯୋଗକାରୀଙ୍କ ସହ ଯୋଗାଯୋଗବେଳେ ଅଧିକାଂଶ ପ୍ରଥମେ କହିବାକୁ ସଙ୍କୋଚ କରୁଛନ୍ତି। ସେମାନଙ୍କୁ ଧିରେ ଧିରେ ପଚାରିଲେ ସବୁକିଛି କହୁଛନ୍ତି। ଯେଉଁ ଥାନା ଅଧିକାରୀଙ୍କ ସପକ୍ଷରେ ମାର୍କ ଆସିବ ତାଙ୍କୁ ପୁରସ୍କାର ମିଳିବ ଓ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଏହି ବ୍ୟବସ୍ଥା ଦ୍ୱାରା ଥାନାରେ ସ୍ୱଚ୍ଛତା ଆସିପାରିବ ବୋଲି ଡିଜିପି କହିଛନ୍ତି।

ମରାମତି ହେଲାନି ଇନ୍ଦ୍ରଦ୍ୟୁମ୍ନ କଡ଼ ରାସ୍ତା

# ପୁଣି ଦବିଲା, ଲୋକେ ଭୟଭୀତ





ପୁରୀ ଅଫିସ, ୨୪।୯

ପୁଣି ଦବିଲା ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ କଡ଼ ରାସ୍ତା। ଗତ ୧୫ ତାରିଖରେ ପୂର୍ବ ପାର୍ଶ୍ୱର ରାସ୍ତା ଭୁଶୁଡ଼ି ପଡିଥିଲା। ହେଲେ ଏହାର ମରାମତି ନ ହେବାରୁ ସୋମବାର ରାତିରେ ହୋଇଥିବା ପ୍ରବଳ ବର୍ଷାରେ ଏହି ସ୍ଥାନରୁ ମାଟି, ବାଲି ଖାଇ ପୋଖରୀରେ ପଶିଥିଲା। ଫଳରେ ଏହି ସ୍ଥାନରେ ରାସ୍ତା ପୁଣି ଦବିଯାଇଛି। ପାଖାପାଖି ଦେଢ ବର୍ଷରୁ ଊର୍ଦ୍ଧ୍ୱ ହେବ ଇନ୍ଦ୍ରଦ୍ୟୁମ୍ନର ବିଭିନ୍ନ ପାର୍ଶ୍ୱର ପାଚେରୀ ଭୁଶୁଡ଼ି ପଡିଥିବାବେଳେ ଏବେ ଏହା କଡ଼ ରାସ୍ତା ଭୁଶୁଡ଼ିବା ଆରମ୍ଭ କଲାଣି। ହେଲେ ଏଥିପ୍ରତି ପ୍ରଶାସନର ନିଘା ନାହିଁ। ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବିଭାଗୀୟ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରୁଛନ୍ତି। ହେଲେ ଗଲା ପରେ ସବୁ କିଛି ଭୁଲି ଯାଉଛନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ରାସ୍ତା ଦବି ଯାଇଥିବାରୁ ଇନ୍ଦ୍ରଦ୍ୟୁମ୍ନ କଡ଼ରେ ଘର କରିଥିବା ଲୋକେ ଭୟଭୀତ ହୋଇପଡିଛନ୍ତି। ସେମାନଙ୍କ ଘର ପ୍ରତି ବିପଦ ଆଶଙ୍କା ସୃଷ୍ଟି ହୋଇଛି।

ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ବିଭୂତି କୁମାର ରଥ କହିଛନ୍ତି, ରାସ୍ତା ମରାମତି ନ ହେବା ଯୋଗୁ ଏହାର କଡ଼ ଦେଇ ପାଣି ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀକୁ ଯାଉଥିବାରୁ ମାଟି, ବାଲି ଧୋଇ ରାସ୍ତା ଦବି ଗଲାଣି। ଏ ନେଇ ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ ଘନଶ୍ୟାମ ପଣ୍ଡା କହିଛନ୍ତି, ପୂର୍ବରୁ ଯେଉଁ ରାସ୍ତା ଭୁଶୁଡ଼ି ଥିଲା ତାହାର ମାଟି ପରୀକ୍ଷା ହେବାକୁ ଯାଇଛି। ରିପୋର୍ଟ ଆସିବା ପରେ କାମ କରାଯିବ। ଶ୍ରୀମନ୍ଦିର ପ୍ରଶାସନ ନିର୍ଦ୍ଦେଶ ଅନୁସାରେ ଆମେ କାମ କରୁଛୁ। ବର୍ତ୍ତମାନ ରାସ୍ତା ଦବିବା ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନ ଆମକୁ ଅବଗତ କରାଇ ନାହାନ୍ତି ବୋଲି ପଣ୍ଡା କହିଥିଲେ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ସତ୍ୟ ହେଉଛି ଏକ କଣ୍ଟକିତ ବାଟ। ଏହି ବାଟରେ ଗଲେ ଲହୁଲୁହାଣ ହେବାକୁ ପଡ଼ିପାରେ। କିନ୍ତୁ ଏହା ହେଉଛି ସିଧା ବାଟ।
-ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଚର୍ଚ୍ଚିକାଙ୍କ ଷୋଳପୂଜାର ତୃତୀୟ ପର୍ବ

**ବାଙ୍କୀ,୨୪।୯(ସ୍ୱ.ପ୍ର.):** ବାଙ୍କୀ ଅଧିଷ୍ଠାତ୍ରୀ ମା'ଚର୍ଚ୍ଚିକାଙ୍କ ଶାରଦୀୟ ଷୋଳ ପୂଜାର ତୃତୀୟ ପର୍ବ ମଙ୍ଗଳବାର ସମ୍ପନ୍ନ ହୋଇଛି। ଭୋର ୪ଟାରେ ପହଡ଼ ଖୋଲାଯାଇ ମଙ୍ଗଳଆଳତି ଓ ପଞ୍ଚ ଅବକାଶ ହୋଇଥିଲା। ମନ୍ଦିର ସେବାସୀମାନେ ରେଣୁକାତୁଠରୁ ଜଳ ଆଣିବା ପରେ ମା'ଙ୍କ ସହସ୍ର କୁମ୍ଭାଭିଷେକ, ମାଜଣା ଓ ଦ୍ୱିତୀୟ ପର୍ବ ବେଶ କରାଯାଇଥିଲା। ପରେ ସୂର୍ଯ୍ୟ, ନବଶକ୍ତି କଳସ ପୂଜା ଆଦି ସମ୍ପାଦିତ ହୋଇଥିଲା। ମଧାହ୍ନ ଖେଚେଡ଼ି ଓ ଆମିଷ ଭୋଗ ସହିତ ଉପାଧି ଭୋଗ ଅର୍ପଣ କରାଯାଇ ପହଡ଼ ବନ୍ଦ ରହିଥିଲା। ଅପରାହ୍ନ ୫ଟାରେ ପହଡ଼ ଖୋଲାଯାଇ ଟେରାଅନ୍ନ ଭୋଗ କରାଯାଇଥିଲା। ରାତି ୮ଟାରେ ସହସ୍ର କୁମ୍ଭାଭିଷେକ, ମାଜଣା, ବେଶ ଓ ରାତ୍ରିହୋମ ପାଇଁ ଦହି ପଖାଳ, ବଡ଼ ସିଂହାର, ଅଧରପଣା ଆଦି ଭୋଗ ବ୍ୟବସ୍ଥା କରାଯାଇଥିଲା।

### ଗୋପୀନାଥପୁରରେ ଚକ୍ଷୁ ଚିକିତ୍ସା ଶିବିର

**ସାଲେପୁର,୨୪।୯(ଡି.ଏନ.ଏ.):** ଜେପିଏମ୍ ରୋଟାରୀ ଚିକିତ୍ସାଳୟ ଓ ରୋଟାରୀ କ୍ଲବ ମିଳିତ ଆନୁକୂଲ୍ୟରେ ସାଲେପୁର ବ୍ଲକ ଗୋପୀନାଥପୁରସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ବିଦ୍ୟାପୀଠ ପରିସରରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଇଂ. ଧୀରେନ୍ଦ୍ର ମିଶ୍ର, ବିମଳ ପ୍ରସାଦ ନନ୍ଦ ପ୍ରମୁଖ ଉଦ୍‌ଘାଟନ କରିଥିଲେ। ଏଥିରେ ୧୭୪ଜଣଙ୍କ ଚିକିତ୍ସା କରାଯାଇଥିବାବେଳେ ୧୪ଜଣଙ୍କୁ ଚଷମା ପ୍ରଦାନ କରାଯାଇଥିଲା। ୧୯ଜଣଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ରୋଟାରୀ ଚକ୍ଷୁ ଚିକିତ୍ସାଳୟକୁ ପଠାଯାଇଥିଲା। ଚିକିତ୍ସକ ଶଶିକାନ୍ତ ଦାସ, ସନ୍ଧ୍ୟା ସାଗରିକା ଦାସ, ସୁସ୍ମିତା ଓଝା, ବିନୋଦିନୀ ଦାସ, ସୁନିଲ୍ ମହାନ୍ତି ଓ ଜାହିରଉଦ୍ଦିନ୍ ଶାହା ପ୍ରମୁଖ ଉପସ୍ଥିତ ରହି ଚକ୍ଷୁ ପରୀକ୍ଷା କରିଥିଲେ। ବିଜୟାନନ୍ଦ ଯୁବ ପରିଷଦ ଓ କମ୍ୟୁନିଟି କୋର୍ ଅଫ୍ ବିରୂପାର କର୍ମକର୍ତ୍ତା ସହଯୋଗ କରିଥିଲେ। ଯୁବ ପରିଷଦ ସମ୍ପାଦକ ବିଶ୍ୱରଞ୍ଜନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସ୍ମୃତିରଞ୍ଜନ ପାଣି, ମାୟାଧର ଘଡ଼େଇ, ସତ୍ୟରଞ୍ଜନ ଦାସ, ମନୋରଞ୍ଜନ ସାହୁ, ପ୍ରଶାନ୍ତ ମହାନ୍ତି, ମନୋଜ ସାମଲ, ଧନେଶ୍ୱର ସାହୁ, ମନୋରଞ୍ଜନ ସାମଲ, ବିଶ୍ୱଜିତ୍ ଭୋଇ, କାଳିନ୍ଦୀ ସାମଲ ଓ ଦୁର୍ଗାପ୍ରସାଦ ସ୍ୱାଇଁ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

### ଅଭିଭାବକ ସମ୍ମିଳନୀ

**ସାଲେପୁର,୨୪।୯(ଡି.ଏନ.ଏ.):** ସାଲେପୁର ବ୍ଲକ ରାମେଶ୍ୱର ପଞ୍ଚାୟତସ୍ଥିତ ଦୁର୍ଗାପୁର ଉତ୍କଳମଣି ଶିଶୁ ଶିକ୍ଷାମନ୍ଦିର ପକ୍ଷରୁ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନାଚାର୍ଯ୍ୟା ସୁଷମା କାଣ୍ଡିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରତିଷ୍ଠାତା ଉଲ୍ଲାସ ଚନ୍ଦ୍ର ଜେନା ଯୋଗଦେଇ ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ ଅଭିବୃଦ୍ଧି ପାଇଁ ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଶିକ୍ଷକ ଯୁଧିଷ୍ଠିର ସାମଲ, ରମେଶ ଚନ୍ଦ୍ର କାଣ୍ଡି, ପବିତ୍ର ମଲ୍ଲିକ୍, କିଶୋର ଚନ୍ଦ୍ର ବିଶୋଇ, ଗୀତାରାଣୀ ବେହେରା, ସ୍ୱର୍ଣ୍ଣଲତା ବେହେରା, ସ୍ୱସ୍ତିକା ଦାଶ, ଶୁଭଶ୍ରୀ ଦଳାଇ, ନିର୍ମଳା କାଣ୍ଡିଙ୍କ ସମେତ ବହୁ ଅଭିଭାବକ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ମଣ୍ଡଳସ୍ତରୀୟ ପ୍ରତିଯୋଗିତା

**ନରସିଂହପୁର,୨୪।୯(ଡି.ଏନ.ଏ.):** ଗାନ୍ଧୀଜୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ମଙ୍ଗଳବାର ନରସିଂହପୁର ବ୍ଲକରେ ମଣ୍ଡଳସ୍ତରୀୟ ଚିତ୍ରାଙ୍କନ, ବକ୍ତୃତା ଓ ପ୍ରଶ୍ନୋତ୍ତର ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ୧୭ କ୍ଲଷ୍ଟରରୁ ୧୦୬ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ନିମସାହି-ଡମକଟା ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ପ୍ରତିଯୋଗିତାକୁ ମୁଖ୍ୟଅତିଥିଭାବେ ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ମିଶ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଅତିଥି ଶିଶୁ ସାହିତ୍ୟିକ ଉଦୟନାଥ ରଥ, ମୁଖ୍ୟବକ୍ତା ବ୍ଲକ ଶିକ୍ଷାଧିକାରୀ କାର୍ତ୍ତିକ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ପ୍ରଫୁଲ୍ଲ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ପ୍ରଦୀପ୍ତ ସାହୁ ଅଧକ୍ଷତା କରିଥିବାବେଳେ ସିଆରିସି ବିଭୂତି ଭୂଷଣ ନାଏକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା।

■ ଅସହାୟ ଶିଶୁପୁତ୍ରକୁ ସହାୟତାର ହାତ ବଢ଼ାଇଲେ ଡାକ୍ତର

# ବର୍ଷକ ପର୍ଯ୍ୟନ୍ତ ଖାଦ୍ୟ, ଔଷଧ ଯୋଗାଇବେ

**ମାହାଙ୍ଗା,୨୪।୯(ସ୍ୱ.ପ୍ର.)**



ଅସହାୟ ଶିଶୁପୁତ୍ରର ସ୍ୱାସ୍ଥ୍ୟବସ୍ଥା ବୁଝୁଛନ୍ତି ଡାକ୍ତର।

■ଜନ୍ମ ପୂର୍ବରୁ ବାପା ଓ ପରେ ମା'କୁ ହରାଇଛି ଶିଶୁପୁତ୍ର

■ଜେଜେ ମା', ଜେଜେ ବାପା କରୁଛନ୍ତି ଲାଳନ ପାଳନ

ମାହାଙ୍ଗା ଅଞ୍ଚଳର ଜଣେ ଶିଶୁପୁତ୍ର ମା'ଗର୍ଭରେ ଥିବାବେଳେ ତା'ର ବାପାଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ଏହାର ୩ମାସ ପରେ ଶିଶୁପୁତ୍ର ଜନ୍ମ ହୋଇଥିଲା। ଶିଶୁପୁତ୍ର ଜନ୍ମ ହେବାର ୭ ଦିନ ମଧରେ ମା'ର ମୃତ୍ୟୁ ହୋଇ ଯାଇଥିଲା। ଫଳରେ ଏହି ଶିଶୁପୁତ୍ର ମା'ବାପାଙ୍କୁ ହରାଇ ଅସହାୟ ହୋଇ ଜେଜେ ମା'ଓ ଜେଜେ ବାପାଙ୍କ ନିକଟରେ ରହିଥିଲା। ଗରିବ ଜେଜେ ମା' ଓ ଜେଜେମା ବାପା ମା' ଛେଉଣ୍ଡ ଶିଶୁକୁ ଅଭାବ ଅନାଟନ ମଧରେ ଲାଳନ ପାଳନ କରିଥିଲେ। ନିକଟରେ ଶିଶୁଟି କାମଳ ରୋଗରେ ଆକ୍ରାନ୍ତ ହେବାରୁ ତାକୁ ମାହାଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଥିବା ଶିଶୁରୋଗ ବିଶେଷଜ୍ଞ ତଥା ଭାରପ୍ରାପ୍ତ ଚିକିତ୍ସାଧିକାରୀ ହେମନ୍ତ ସିଂହ ଏବଂ ସ୍ୱାସ୍ଥ୍ୟକେନ୍ଦ୍ର ବିତ୍ତ ପରିଚାଳକ ସନ୍ତୋଷ ଶତପଥୀ ଶିଶୁ ସମ୍ପର୍କରେ ଶୁଣିବା ପରେ ତାକୁ ସହାୟତାର ହାତ ବଢ଼ାଇଥିଲେ। ଏକ ବର୍ଷ ପର୍ଯ୍ୟନ୍ତ ଶିଶୁର ସମସ୍ତ ଖାଦ୍ୟ ଓ ଔଷଧ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସେହି ଅନୁସାରେ ମଙ୍ଗଳବାର ଡା. ସିଂହ ଶିଶୁର ଘରକୁ ଆସି ତାର ଜେଜେ ମା' ଓ ଜେଜେ ବାପାଙ୍କୁ ୫ ହଜାର ଟଙ୍କା ପ୍ରଦାନ କରିବା ସହ ଏକ ବର୍ଷ ପାଇଁ ସମସ୍ତ ଖାଦ୍ୟ ଓ ଔଷଧ ଦେବା ପାଇଁ ଦାୟିତ୍ୱ ନେଇଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ବିତ୍ତ ଅଧିକାରୀ ତଥା ସମ୍ଭବ ଅନୁଷ୍ଠାନ ଆବାହକ ଶତପଥୀ ୨ହଜାର ଟଙ୍କା ଶିଶୁ ପରିବାରକୁ ପ୍ରଦାନ କରିଛନ୍ତି। ଏଥିରେ ଯୁବ ସଙ୍ଗଠକ ଆଲୋକ ବାରିକ ଓ ସୁଦର୍ଶନ ରାଉତ ଉପସ୍ଥିତ ଥିଲେ। ଡା. ସିଂହଙ୍କ ଏହି ମହାନୀୟତା କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

ପ୍ରକାଶଯୋଗ୍ୟ, ମାହାଙ୍ଗା ବ୍ଲକ ଶ୍ରୀକୃଷ୍ଣପୁର ଗ୍ରାମର ଦୀପକ ବେହେରା ଗତ ମାର୍ଚ୍ଚ ୧୯ରେ ବାଇକ ଯୋଗେ କଟକ ଯାଉଥିବାବେଳେ ପାଗା ଛକରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଫଳରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ଏହି ସମୟରେ ତାଙ୍କ ସ୍ତ୍ରୀ ମୀନାକ୍ଷୀ ଗର୍ଭବତୀ ଥିଲେ। ଜୁଲାଇ ୧୪ରେ ଟାଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କର ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା। ସେଠାରେ ୫ଦିନ ରହି ଘରକୁ ଆସିବା ପରେ ମୀନାକ୍ଷୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇ ପଡିଥିଲା। ପରେ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ୨ ଦିନ ଚିକିତ୍ସିତ ହେବା ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଫଳରେ ଜନ୍ମ ହୋଇଥିବା ଶିଶୁ ପୁତ୍ର ମା'ବାପା ଛେଉଣ୍ଡ ହୋଇ ଯାଇଥିଲା। ପୁଅ ଓ ବୋହୂକୁ ହରାଇଥିବା ଦ୍ୱୈତାରୀ ଓ ସୁଲୋଚନା ନାତିକୁ ଲାଳନପାଳନ କରିଥିଲେ।



ତିଗିରିଆ ବ୍ଲକ ବିନ୍ଧାଣୀମାସ୍ଥିତ ମା' ବୁଢ଼ୀ ମଙ୍ଗଳାଙ୍କ ଭୁବନେଶ୍ୱରୀ ବେଶ।

## ମାହାଙ୍ଗା ନାବାଳିକା ଗର୍ଭବତୀ ମାମଲା

# ପୀଡ଼ିତାଙ୍କୁ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

**କଟକ ଅଫିସ, ୨୪।୯**

କଟକ ଜିଲା ମାହାଙ୍ଗା ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କୁ ବଳାତ୍କାର କରି ଗର୍ଭବତୀ କରିବା ମାମଲାରେ କଟକ ତୃତୀୟ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ପୋକ୍ସୋ ଅଦାଲତ ମଙ୍ଗଳବାର ପୀଡ଼ିତାଙ୍କ ଶିଶୁକନ୍ୟାର ପାଠପଢ଼ା ଲାଗି କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଭିକ୍ଟିମ୍ କମ୍ପେନ୍‌ସେସନ୍ ସ୍କିମ୍ ଅନୁଯାୟୀ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ଅଦାଲତ କଟକ ଜିଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୪ରେ ଅଭିଯୁକ୍ତ ଶମ୍ଭୁନାଥ ବେହେରା ପଡ଼ୋଶୀ ନାବାଳିକାଙ୍କୁ ଧମକ ଚମକ ଦେଇ ବଳାତ୍କାର କରିଥିଲେ। ଏଥିଯୋଗୁ ନାବାଳିକା ଜଣକ ଗର୍ଭବତୀ ହୋଇଥିଲେ। ପରେ ଏ ନେଇ ତାଙ୍କ ମା' ମାହାଙ୍ଗା ଥାନାରେ ଅଭିଯୋଗ କରିଥିବାବେଳେ ପୀଡ଼ିତା ସନ୍ତାନର ଜନନୀ ହୋଇଥିଲେ। ସମ୍ପୃକ୍ତ ଶିଶୁର ଡିଏନ୍ଏ ଟେଷ୍ଟ କରାଯାଇଥିଲା। ଏବେ ପୀଡ଼ିତା ଏକ ସ୍ୱଧାର ଗୃହରେ ରହୁଛନ୍ତି। ଏହି ଘଟଣାରେ ଅଭିଯୁକ୍ତ ଶମ୍ଭୁନାଥ ପୀଡ଼ିତାଙ୍କ ଗୃହ ପୋଡ଼ି ଦେଇଥିଲେ। ଏ ନେଇ ମାହାଙ୍ଗା ଥାନା ପକ୍ଷରୁ ଭାରତୀୟ ଦଣ୍ଡବିଧି ଆଇନ ଧାରା ୩୭୬ ଓ ପୋକ୍ସୋ ଆଇନ ଧାରା ୬ ଅନୁଯାୟୀ ମାମଲା ରୁଜୁ ହୋଇଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ରମେଶ ଚନ୍ଦ୍ର ମହାନ୍ତି ଏହି ମାମଲା ପରିଚାଳନା କରୁଛନ୍ତି।

# ବାଙ୍କୀରେ ବିଜେଡିର ୭୨ ହଜାର ସଭ୍ୟ ସଂଗ୍ରହ ଲକ୍ଷ୍ୟ

**ବାଙ୍କୀ,୨୪।୯(ସ୍ୱ.ପ୍ର.)**

ବାଙ୍କୀ ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ମଙ୍ଗଳବାର ଦଳ ମୁଖ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ଯୁବ ବିଜେଡି ସଭାପତି ସନ୍ତୋଷ ରଣା ଏଥିରେ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଓ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଅତିଥିଭାବେ ଯୋଗଦେଇ ସଭ୍ୟସଂଗ୍ରହ ଅଭିଯାନ ସମ୍ପର୍କରେ ମତବ୍ୟକ୍ତ କରି କହିଥିଲେ, ଚଳିତ ବାଙ୍କୀ ନିର୍ବାଚନମଣ୍ଡଳୀରେ ୭୨ହଜାର ସଭ୍ୟ ସଂଗ୍ରହ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥିପାଇଁ ପ୍ରତି ୱାର୍ଡରୁ ୪ଜଣ ଲେଖାଏ ସକ୍ରିୟ ସଭ୍ୟ କାର୍ଯ୍ୟ କରିବେ। ବୈଠକରେ ଜିଲାପରିଷଦ ସଭ୍ୟ ପ୍ରଣବ କିଶୋର ପଟେଲ ସ୍ୱାଗତ ଭାଷଣ ଦେଇଥିଲେ। ଟାଉନ ବିଜେଡି ସଭାପତି ହରେକୃଷ୍ଣ ଦାଶ, ଜିଲା ବିଜେଡି ସାଧାରଣ ସମ୍ପାଦକ ସନାତନ ବେହେରା, ଡମପଡ଼ା ବିଜେଡି ସଭାପତି ଆର୍ତ୍ତତ୍ରାଣ ସ୍ୱାଇଁ, ବାଙ୍କୀ ବ୍ଲକ ଅଧକ୍ଷ ପୁଷ୍ପଲତା ସାମନ୍ତ, ମହିଳା ବିଜେଡି ସଭାପତି ପ୍ରୀତିଲତା ଗିରି, ବାଙ୍କୀ ଯୁବ ବିଜେଡି ସଭାପତି ପଠାଣୀ ବେହେରା ଓ ମନୋଜ ପୃଷ୍ଟିଙ୍କ ସମେତ ବହୁ କର୍ମକର୍ତ୍ତା ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କଟକ ବିଜେଡି ସାଧାରଣ ସମ୍ପାଦକ ସନାତନ ବେହେରା ଧନ୍ୟବାଦ ଦେଇଥିଲେ।

## ଚର୍ଚ୍ଚିକାଙ୍କ ପୀଠରେ ପଶୁବଳି ନିଷେଧ

**ବାଙ୍କୀ,୨୪।୯(ସ୍ୱ.ପ୍ର.)**

ବାଙ୍କୀ ଅଧିଷ୍ଠାତ୍ରୀ ମା'ଚର୍ଚ୍ଚିକାଙ୍କ ପୀଠରେ ମୂଳାଷ୍ଟମୀଠାରୁ ଶାରଦୀୟ ଷୋଳପୂଜା ଆରମ୍ଭ ହୋଇଛି। ଶାନ୍ତି ଶୃଙ୍ଖଳାରେ କିପରି ଦଶହରା ପାଳନ କରାଯିବ ସେ ନେଇ ମଙ୍ଗଳବାର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ପ୍ରଶାସନିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଉପଜିଲାପାଳ ଅରୁଣ ବିଶ୍ୱାଳ ଏଥିରେ ଅଧ୍ୟକ୍ଷତା କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶାରଦା ପ୍ରସାଦ ମହାନ୍ତି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ମା'ଙ୍କ ପୀଠରେ ପୂର୍ବବର୍ଷ ଭଳି ଏବର୍ଷ ବି ପଶୁବଳି ପ୍ରଥା ବନ୍ଦ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଆଇନ ଶୃଙ୍ଖଳା ରକ୍ଷା କରିବା ପାଇଁ ମନ୍ଦିର ପରିସରରେ ପୋଲିସ ଫୋର୍ସ ମୁତୟନ, ୨୪ ଘଣ୍ଟିଆ ଜଳ ଓ ବିଦ୍ୟୁତ୍ ଯୋଗାଣ, ଏନଏସି ପକ୍ଷରୁ ମନ୍ଦିରରେ ଆଲୋକ ବ୍ୟବସ୍ଥା, ମୁଖ୍ୟରାସ୍ତା ସହିତ ବାଙ୍କୀ ଟାଉନ ଉପରୁ ଅବରୋଧ ଉଚ୍ଛେଦ, ଯାତ୍ରା ସମୟରେ ଚୋରା ମଦ ବିକ୍ରୟ ବନ୍ଦ କରିବା, ରାସ୍ତା ଉପରୁ ମାଛମାଂସ କଟା ବନ୍ଦ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ତହସିଲଦାର ପଦ୍ମଚରଣ ସାହୁ, ମନ୍ଦିର ଟ୍ରଷ୍ଟି କାଳନ୍ଦୀ ଚରଣ ମହାପାତ୍ର, ଉପଖଣ୍ଡ ପୋଲିସ୍ ଅଧିକାରୀ ପ୍ରସନ୍ନ ବିଶ୍ୱାଳ, ଥାନା ଅଧିକାରୀ ସମୀର ପଣ୍ଡା, ସେସୁ ସହକାରୀ ଯନ୍ତ୍ରୀ ସନ୍ତୋଷ ମହାପାତ୍ର, ସେବାୟତ ଶରତ ଚନ୍ଦ୍ର ମହାପାତ୍ର, ସହକାରୀ ଜିଲାପାଳ ଦେବେନ୍ଦ୍ର ଖଟୁଆ, ନାରାୟଣ ଚନ୍ଦ୍ର ସାହୁ ଓ କ୍ଷେତ୍ରବାସୀ ଦାଶ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଅକ୍ଟୋବର ୧୩ରୁ ବାଙ୍କୀ ମହୋତ୍ସବ



ବୈଠକରେ ବିଧାୟକ, ମହୋତ୍ସବ କମିଟି ସଦସ୍ୟ ଓ ପ୍ରଶାସନିକ ଅଧିକାରୀ ଉପସ୍ଥିତ।

**ବାଙ୍କୀ,୨୪।୯(ସ୍ୱ.ପ୍ର./ବି.ପ୍ର.)**

ଅକ୍ଟୋବର ୧୩ରୁ ୧୮ ତାରିଖ ପର୍ଯ୍ୟନ୍ତ ବାଙ୍କୀ ମହୋତ୍ସବ ଅନୁଷ୍ଠିତ ହେବ। ଏନେଇ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ବାଙ୍କୀ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଜିଲାପାଳ ଅରୁଣ ବିଶ୍ୱାଳ ଅଧକ୍ଷତା କରିଥିଲେ। ମହୋତ୍ସବ ସାଧାରଣ ସମ୍ପାଦକ ଡ. ଗଣେଶ୍ୱର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରତିଷ୍ଠାତା ସଭାପତି ପ୍ରଭାତ ତ୍ରିପାଠୀ ମୁଖ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ମହୋତ୍ସବକୁ ସଫଳ କରିବା ନିମନ୍ତେ ସମସ୍ତ ସରକାରୀ ବିଭାଗକୁ ଅନୁରୋଧ କରିଥିଲେ। କାର୍ଯ୍ୟକାରୀ ସଭାପତି ତଥା ସ୍ଥାନୀୟ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଅତିଥିଭାବେ ଯୋଗଦେଇ ଏହି ମହୋତ୍ସବ ବାଙ୍କୀର ଗର୍ବ ଓ ଗୌରବ। ତେଣୁ ଏହାକୁ ସରସ ସୁନ୍ଦର କରିବା ପାଇଁ ସମସ୍ତେ ଉଦ୍ୟମ କରିବା ଆବଶ୍ୟକ ବୋଲି କହିଥିଲେ। ମହୋତ୍ସବ ପଡ଼ିଆରେ ହେବାକୁ ଥିବା ପ୍ରଦର୍ଶନୀରେ ବାଙ୍କୀ ଓ ଡମପଡ଼ା ବ୍ଲକ ଅଧୀନ ସମସ୍ତ ସରକାରୀ ବିଭାଗର ଷ୍ଟଲ ଖୋଲିବା ପାଇଁ ନିଷ୍ପତ୍ତି ହୋଇଛି।

ଏଥିସହିତ ମହୋତ୍ସବ ପଡ଼ିଆରେ ସ୍ୱାସ୍ଥ୍ୟକେନ୍ଦ୍ର, ଅସ୍ଥାୟୀ ପରିଶ୍ରାଗାର, ମହୋତ୍ସବ ମଣ୍ଡପ ଓ ମହାନଦୀ ରେଣୁକା ଘାଟ ପାଖରେ ଅଗ୍ନିଶମ କର୍ମଚାରୀ ମୁତୟନ, ବ୍ୟାପକ ପୋଲିସ ଫୋର୍ସ ମୁତୟନ, ରାସ୍ତା ମରାମତି, ଉଜ୍ଜ୍ୱଳଆଲୋକ ବ୍ୟବସ୍ଥା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମହୋତ୍ସବ ସମୟରେ ବାଙ୍କୀର ସମସ୍ତ ସରକାରୀ ଓ ବେସରକାରୀ ଗୃହ ଆଲୋକମାଳାରେ ସୁସଜ୍ଜିତ କରିବା ପାଇଁ ଅନୁରୋଧ କରାଯାଇଛି। ବୈଠକରେ ବାଙ୍କୀ ବ୍ଲକ ଅଧକ୍ଷା ପୁଷ୍ପଲତା ସାମନ୍ତ, ଡମପଡ଼ା ବ୍ଲକ ଉପାଧକ୍ଷା ରେବତୀ ଜେନା, ଉପଖଣ୍ଡ ପୋଲିସ ଅଧିକାରୀ ପ୍ରସନ୍ନ ବିଶ୍ୱାଳ, ବାଙ୍କୀ ତହସିଲଦାର ପଦ୍ମଚରଣ ସାହୁ, ଡମପଡା ତହସିଲଦାର ଇନ୍ଦିରା ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ■ ଉଦ୍ୟାନ କୃଷି ବିଭାଗ କାର୍ଯ୍ୟାଳୟ

# ଆଜବେଷ୍ଟସରୁ ଗଳୁଛି ପାଣି

**ରଘୁନାଥପୁର, ୨୪। ୯ (ଡି.ଏନ.ଏ.)**

ରଘୁନାଥପୁର ବ୍ଲକ କଲୋନୀରେ ଥିବା ଏକ ଭଙ୍ଗା କ୍ୱାର୍ଟର୍ସରେ ଦୀର୍ଘଦିନ ଧରି ଚାଲିଛି ଉଦ୍ୟାନ କୃଷି ବିଭାଗ କାର୍ଯ୍ୟାଳୟ। କବାଟ ଝରକା ଉଇ ଖାଇ ନଷ୍ଟ ହୋଇଯାଇଥିବା ଘରେ ବର୍ଷା ହେଲେ ଆଜବେଷ୍ଟସରୁ ପାଣି ଗଳୁଛି। ଅଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟ କରିବା ସମ୍ଭବ ହେଉନି। ଏପରିକି ଏଠାକୁ ଆସୁଥିବା ଚାଷୀ ଉଦ୍ୟାନ କୃଷି କାର୍ଯ୍ୟାଳୟକୁ ଖୋଜି ବାହାର କରିବା କାଠିକର ପାଠ ହେଉଛି। ବିଭାଗକୁ ଆସୁଥିବା ଗଛ ତଥା ଅନ୍ୟ ଜିନିଷ ରଖିବାକୁ ଷ୍ଟୋର ରୁମ୍‌ଟିଏ ନାହିଁ। ଶୌଚାଳୟ ନ ଥିବାରୁ ବିଭାଗୀୟ ଅଧିକାରିଣୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଅଞ୍ଚଳର ଚାଷୀଙ୍କ ପକ୍ଷରୁ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରାଯାଇଥିବା ଦୁର୍ଯ୍ୟୋଧନ ଖୁଣ୍ଟିଆ ଓ କ୍ଷୀରୋଦ ବେହେରା ପ୍ରକାଶ କରିଛନ୍ତି। ଉକ୍ତ ବିଭାଗର ନିଜସ୍ୱ ଗୃହ ଓ ନର୍ସରି ସ୍ଥାପନ ପାଇଁ ଏକ ଏକର ଜମି ଚିହ୍ନଟ କରି ଦେବାକୁ ତହସିଲଦାରଙ୍କୁ ୩ ବର୍ଷ ତଳୁ ଜିଲାପାଳଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ୩ ବର୍ଷ ଧରି ତହସିଲ ପକ୍ଷରୁ ଜମି ଖୋଜା ଚାଲିଛି ବୋଲି ଅଭିଯୋଗକାରୀ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ବ୍ଲକ କାର୍ଯ୍ୟାଳୟ ସଂଲଗ୍ନ ପୂର୍ବରୁ ଚାଲୁଥିବା କୃଷି କାର୍ଯ୍ୟାଳୟ ତଥା ଅନ୍ୟ ଘର ଥିଲେ ସୁଦ୍ଧା ପ୍ରଶାସନିକ ଅଧିକାରୀଙ୍କ ପକ୍ଷରୁ ଉକ୍ତ କାର୍ଯ୍ୟାଳୟକୁ ସ୍ଥାନାନ୍ତର ନିମନ୍ତେ ଆନ୍ତରିକତା ପ୍ରକାଶ ପାଉନି। ଏ ସମ୍ପର୍କରେ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଶୁଭଶ୍ରୀ ମହାପାତ୍ରଙ୍କୁ ପଚାରିବାରେ ଏକ ଏକର ଜମି ପାଇଁ ଜିଲାପାଳଙ୍କ ପକ୍ଷରୁ ବର୍ଷକ ମଧରେ ୪ ଥର ନିର୍ଦ୍ଦେଶ ଆସିଥିଲେ ବି ଏହାକୁ କାର୍ଯ୍ୟକାରୀ କରାଯାଉନି। ବାତ୍ୟା ଫନୀରେ ଆଜବେଷ୍ଟସ ଉଡିଯାଇଥିବା ବେଳେ କେହି ଶୁଣିଲେନି। ବାଧ ହୋଇ ହାତରୁ ଖର୍ଚ୍ଚ କରି ମରାମତି କରିଥିବା ସେ କହିଛନ୍ତି। ସେବା ନାମରେ ସରକାରଙ୍କ ପକ୍ଷରୁ ଗଢାଯାଇଥିବା ବିଭିନ୍ନ ସଂସ୍ଥାକୁ ବ୍ଲକ ପରିସରରେ ଘର ଯୋଗାଇ ଦିଆଯାଇଥିବା ବେଳେ, ଚାଷୀଙ୍କ ପାଇଁ କାର୍ଯ୍ୟ କରୁଥିବା ଉଦ୍ୟାନ କୃଷି ବିଭାଗ ପ୍ରତି ଅଣଦେଖା କରାଯାଇଛି ବୋଲି ଅଭିଯୋଗ ହେଉଛି। ଏପରି ଅବ୍ୟବସ୍ଥା ପାଇଁ ପଞ୍ଚାୟତିରାଜ ସଚିବ, ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

# ନିଶା ଔଷଧ ଶୁଙ୍ଘାଇ ଅଳଙ୍କାର ଲୁଟ୍

**ସାଲେପୁର,୨୪।୯(ଡି.ଏନ.ଏ.)**

ସାଲେପୁର ଥାନା ଅଧୀନ ଚାଗିମାଣିଆ ବଜାରରେ ଥିବା ଶ୍ରୀରାମ ଜୁଏଲାରୀରୁ ସୋମବାର ମଧାହ୍ନରେ ଲୁଟ୍ ହୋଇଛି। ଦୁର୍ବୃତ୍ତ ଜୁଏଲାରୀ ମାଲିକ ଅଜୟ ସାହୁଙ୍କୁ ନିଶା ଔଷଧ ଶୁଙ୍ଘାଇ ଅଚେତ କରିବା ପରେ ବହୁ ଅଳଙ୍କାର ଲୁଟ୍ କରିବାରେ ସକ୍ଷମ ହୋଇଛନ୍ତି। ଏନେଇ ମଙ୍ଗଳବାର ଜୁଏଲାରୀ ମାଲିକଙ୍କ ଦାଦା ତରୁଣ ସାହୁ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ମାମଲା ନଂ-୨୪୫/୧୯ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ, ଅଜୟ ମଧାହ୍ନରେ ଜୁଏଲାରୀ ଦୋକାନରେ ବସିଥିଲେ। ଏହି ସମୟରେ ଦୁଇ ଦୁର୍ବୃତ୍ତ ଆସି ଅଜୟଙ୍କୁ ନିଶା ଔଷଧ ଶୁଙ୍ଘାଇଥିଲେ। ଫଳରେ ସେ ଅଚେତ୍ ହୋଇ ପଡ଼ିଥିଲେ। ଏହାପରେ ଦୁର୍ବୃତ୍ତ ସୁନା ଓ ରୁପା ଅଳଙ୍କାର ନେଇ ପଳାଇଥିଲେ। କିଛି ସମୟ ପରେ ଜଣେ ଗ୍ରାହକ ଦୋକାନକୁ ଆସି ଏହି ଘଟଣା ଦେଖିଥିଲେ। ପରେ ନିକଟ ଦୋକାନୀଙ୍କ ସାହାଯ୍ୟରେ ଅଜୟଙ୍କୁ ସାଲେପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହୋଶ୍ ନ ଫେରିବାରୁ ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏ ସମ୍ପର୍କରେ ଥାନା ଅଧିକାରୀ ଦେବେନ୍ଦ୍ର ମଲ୍ଲିକ କହିଛନ୍ତି, ଏପରି ଘଟଣା ଏଠାରେ ପ୍ରଥମ ଥର ଘଟିଛି। ତେଣୁ ପୋଲିସ ଏହାକୁ ଗୁରୁତର ସହ ନେଇ ତଦନ୍ତ କରୁଛି। ଖୁବ୍‌ଶୀଘ୍ର ଦୁର୍ବୃତ୍ତଙ୍କୁ ଗିରଫ କରାଯିବ।

# କଂଗ୍ରେସର ଗାନ୍ଧୀ ଜୟନ୍ତୀ ପ୍ରସ୍ତୁତି

**ଲଳିତଗିରି,୨୪।୯(ସ୍ୱ.ପ୍ର.)**

୧୫୦ତମ ଗାନ୍ଧୀ ଜୟନ୍ତୀ ପାଳନ ଉପଲକ୍ଷେ ମାହାଙ୍ଗା କଂଗ୍ରେସ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଓଲକଣାଠାରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଦେବେନ୍ଦ୍ର ସାହୁ ଯୋଗଦେଇ କହିଥିଲେ, ଗାନ୍ଧୀ ଜୟନ୍ତୀ ଦିନ ନିଶ୍ଚିନ୍ତକୋଇଲ ପଣସପଡ଼ିଆଠାରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ପ୍ରାର୍ଥନା ସଭା ହେବ। ଏହାପରେ ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ ହେବ। ପ୍ରାର୍ଥନା ସଭାରେ ପ୍ରଭାରୀ ଜିତେନ୍ଦ୍ର ପ୍ରସାଦ ସିଂହ ଏବଂ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେବେ। ବୈଠକରେ ଅନ୍ୟମାନଙ୍କ ମଧରେ ଭାସ୍କର ଚନ୍ଦ୍ର ବେହେରା, ଆଇନଜୀବୀ ଚିତ୍ତରଞ୍ଜନ ବେହେରା, ଜୋନ ସଭାପତି ଅଲେଖ ପ୍ରସାଦ ସ୍ୱାଇଁ, ବିଜୟ ମହାପାତ୍ର, ଦେବେନ୍ଦ୍ର ପରିଡ଼ା, ପ୍ରଦୀପ୍ତ ରାଉତରାୟ ଓ ବାନାମ୍ବର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ■ ଆଠଗଡ଼ ବନ ବିଭାଗ, ସେସୁର ସମନ୍ୱୟ ବୈଠକ

# ବନ୍ୟପ୍ରାଣୀଙ୍କ ଚଲାପଥରେ ଲାଗିବ କେବୁଲ ବିଦ୍ୟୁତ୍ ତାର

**ତିଗିରିଆ,୨୪।୯(ଡି.ଏନ.ଏ.)**



ଆଠଗଡ଼ ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ଡିଏଫଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବନ ବିଭାଗ କର୍ମଚାରୀ ଓ ସେତୁ କର୍ତ୍ତୃପକ୍ଷ।

ଜଙ୍ଗଲରେ ବନ୍ୟପ୍ରାଣୀଙ୍କ ସୁରକ୍ଷିତ ବିଚରଣକୁ ଦୃଷ୍ଟିରେ ରଖି ଆଠଗଡ଼ ବନବିଭାଗ ଓ ଉପଖଣ୍ଡ ସେସୁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଏକ ସମନ୍ୱୟ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଆଠଗଡ଼ ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ବୈଠକରେ ଡିଏଫଓ ସସ୍ମିତା ଲେଙ୍କା ଅଧକ୍ଷତା କରିଥିଲେ। ବୈଠକରେ ସେସୁର ଉଚ୍ଚ ଅଧିକାରୀଙ୍କ ସହ ଉପଖଣ୍ଡର ପ୍ରତି ବ୍ଲକରେ ଥିବା ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ସମ୍ମିଳିତ ଆଲୋଚନା ପରେ ସମସ୍ୟାର ସମାଧାନ ସୂତ୍ର ବାହାର କରାଯାଇଛି। ଧାନପାଚିବା ବେଳେ କେତେକ ଚାଷୀ କ୍ଷେତକୁ ହାତୀ, ବାରହା, ମିରିଗ ଆଦିଙ୍କଠାରୁ ରକ୍ଷା କରିବା ପାଇଁ କ୍ଷେତରେ ବେଆଇନ ବିଦ୍ୟୁତ୍ ସଂଯୋଗ କରିଥାନ୍ତି। ଫଳରେ ସେହି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଅନେକ ବନ୍ୟଜନ୍ତୁଙ୍କ ମୃତ୍ୟୁ ହୋଇଥାଏ। ଏଣୁ ଏହାକୁ କିଭଳି ପ୍ରତିହତ କରାଯିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥି ପାଇଁ ବନବିଭାଗ ଓ ଆଠଗଡ଼ ସେସୁ ପକ୍ଷରୁ ମିଳିତ ସ୍କ୍ୱାଡ୍ ଗଠନ କରାଯାଇ ଚଢ଼ାଉ କରାଯିବ।

**ବେଆଇନ ବିଦ୍ୟୁତ୍ ସଂଯୋଗ ରୋକିବାକୁ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ**

ଖୁଣ୍ଟୁଣୀ ବନାଞ୍ଚଳର ଦ୍ୱାରାବତୀପୁର, ଜେନାପୁର-ବାଲିସାହି, ମେଘା, କଦମପାଟଣା, ତିଗିରିଆର ସୁଦର୍ଶନପୁର, ହରିଡ଼ାପଶି, ବଡ଼ମ୍ବା ବନାଞ୍ଚଳର ଝାଜିଆ, କୁଆଁରପାଳ, ନରସିଂହପୁର ବନାଞ୍ଚଳର ନୂଆଭୂଇଁଠାରୁ ଚତରାପଡ଼ା ପର୍ଯ୍ୟନ୍ତ କେବୁଲ୍ ବିଦ୍ୟୁତ୍ ତାର ସଂଯୋଗ କରାଯିବା ସହ ଉଚ୍ଚତାରେ ରଖିବା ପାଇଁ ବନଖଣ୍ଡ ଅଧିକାରୀ ଲେଙ୍କା ପ୍ରକାଶ କରିଥିଲେ। ଆଗାମୀ ୨ମାସ ମଧରେ ସମସ୍ତ କାର୍ଯ୍ୟ ଶେଷ କରିବାକୁ ଉପସ୍ଥିତ ଯନ୍ତ୍ରୀମାନେ କହିଥିଲେ। ବେଆଇନ ବିଦ୍ୟୁତ୍ ସଂଯୋଗ ରୋକିବା ଓ ସମ୍ପୃକ୍ତ ଚାଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେସୁ ବନ ବିଭାଗର ସହାୟତା ଲୋଡ଼ିବା ପରେ ଏକ ମିଳିତ ସ୍କ୍ୱାଡ୍ ଗଠନ କରାଯାଇଛି। ବୈଠକରେ ଆଠଗଡ଼ ସେସୁ ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମୀଧର ମହାପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ସାମନ୍ତରାୟ, ନରସିଂହପୁର ସେସୁ ସହକାରୀ ନିର୍ବାହୀ ଯନ୍ତ୍ରୀ ନିଗମ ପ୍ରସାଦ ପାଢ଼ୀ, ତିଗିରିଆ ସେସୁ କନିଷ୍ଠ ଯନ୍ତ୍ରୀ ମନୋଜ ସାହୁ, ଆଶୁତୋଷ ମହାଭୋଳ, ସମରେନ୍ଦ୍ର ବେହେରା, କାଶୀନାଥ ବାରିକ, ନେପାଳସେନି ତାଜନ, ଅଜୟ ସି, ବିଆର ଓଝାଙ୍କ ସହ ସହକାରୀ ବନ ସଂରକ୍ଷକ ରାଜେନ୍ଦ୍ର ପ୍ରସାଦ ଦାସ, ନରସିଂହପୁର ଏସିଏଫ ପୂର୍ଣ୍ଣଚନ୍ଦ୍ର ଗୁରୁ, ନରସିଂହପୁର ପୂର୍ବ ବନାଞ୍ଚଳ ଅଧିକାରୀ ଅଭିରାମ ଜେନା, ନରସିଂହପୁର ପଶ୍ଚିମ ବନାଞ୍ଚଳ ଅଧିକାରୀ ବିଭୁରଞ୍ଜନ ରାୟ, ଆଠଗଡ଼ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର ନାୟକ, ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ମାଗୁଣୀ ବେହେରା ଓ ବଡ଼ମ୍ବା ବନାଞ୍ଚଳ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ।



ସତ୍ୟ ହେଉଛି ଏକ କଣ୍ଟକିତ ବାଟ। ଏହି ବାଟରେ ଗଲେ ଲହୁଲୁହାଣ ହେବାକୁ ପଡ଼ିପାରେ। କିନ୍ତୁ ଏହା ହେଉଛି ସିଧା ବାଟ।
-ମହାତ୍ମା ଗାନ୍ଧୀ





ଷୋଳପୂଜା ଅବସରରେ ମା' କଟକଚଣ୍ଡୀଙ୍କ ମାତାଙ୍ଗୀ ବେଶ।



ମା' ଗଡ଼ଚଣ୍ଡୀଙ୍କ କମଳା ବେଶ।



ମା' ଝାଞ୍ଜିରୀ ମଙ୍ଗଳାଙ୍କ ଭୁବନେଶ୍ୱରୀ ବେଶ।



ମଙ୍ଗଳାବାଗ ମା' ବାସନ୍ତୀ ଦୁର୍ଗାଙ୍କ ବଗଳାମୁଖୀ ବେଶ।



ପୀଠାପୁର ମା' ଧାକୁଲେଇଙ୍କ ଭୁବନେଶ୍ୱରୀ ବେଶ।



ହରିପୁର ଦୋଳମୁଣ୍ଡାଇସ୍ଥିତ ମା' ବିମଳାଙ୍କ ହରଚଣ୍ଡୀ ବେଶ।



ଦୋଳମୁଣ୍ଡାଇସ୍ଥିତ ମା' ମଙ୍ଗଳାଙ୍କ ବ୍ରାହ୍ମଣୀ ବେଶ।

## ସଂକ୍ଷେପରେ

### ଜୁଆ ଆଡ୍ଡାରେ ଚଢ଼ାଉ: ୯ ଗିରଫ

**କଟକ ଅଫିସ, ୨୪।୯:** ଷ୍ଟେସନବଜାର ଅଞ୍ଚଳରେ ଚାଲିଥିବା ଏକ ଜୁଆ ଆଡ୍ଡାରେ ମାଲଗୋଦାମ ଥାନା ପୋଲିସ ଚଢ଼ାଉ କରି ୯ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କୃଷ୍ଣ ସାହୁ, କାମାକ୍ଷା ପ୍ରଧାନ, ସୁରଥ ରାଉତ, ଅଜୟ ପାତ୍ର, ନିତ୍ୟା ବସ୍ତିଆ, ଦୁଃଶାସନ ରାଉତ, ବିଜୟ ବାରିକ, ଦାମୋଦର ସାହୁ, ଅରୁଣ କୁମାର ସ୍ୱାଇଁ। ଏମାନଙ୍କଠାରୁ ୪ହଜାର ଟଙ୍କା ଓ ଏକ ସଙ୍ଗା ବୋର୍ଡକୁ ଜବତ କରାଯାଇଥିଲା। ମଙ୍ଗଳବାର ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

### ୨୬ ବର୍ଷ ପରେ ଫେରାର ଅଭିଯୁକ୍ତ ଗିରଫ

**କଟକ ଅଫିସ, ୨୪।୯:**
ଏକ ଚୋରି ମାମଲାରେ ସମ୍ପୃକ୍ତ ଥାଇ ୨୬ବର୍ଷ ହେଲା ଫେରାର ଥିବା ଅଭିଯୁକ୍ତଙ୍କୁ ମଙ୍ଗଳବାର ଦରଘାବଜାର ଥାନା ପୋଲିସ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ୧୯୯୩ ମସିହାରେ ବାଉଁଶଗଳି ଅଞ୍ଚଳରେ ଏକ ଦୋକାନରୁ ଚୋରି ହୋଇଥିଲା। ଏଥିରେ ସେକ ହାନନଙ୍କ ସମ୍ପୃକ୍ତି ରହିଥିଲା। ମାତ୍ର ଗିରଫ ଭୟରେ ହାନନ ଫେରାର ହୋଇ ଯାଇଥିଲେ। କୋର୍ଟରୁ ତାଙ୍କ ବିରୋଧରେ ୱାରେଣ୍ଟ ଜାରି ହୋଇଥିଲା। ଏହି ୱାରେଣ୍ଟ ବଳରେ ପୋଲିସ ତାଙ୍କୁ ଗିରଫ କରିଛି। ସେହିପରି ପୁରୀଘାଟ ଥାନା ପୋଲିସ ୨୦୦୩ରେ ମାର୍‌ପିଟ୍ ଘଟଣାରେ ସମ୍ପୃକ୍ତ ଥିବା କାଠଗଡ଼ା ସାହିର ମୁରଲି ଓଝା ଓ ତାଙ୍କ ଭାଇ ବଂଶୀଧର ଓଝାଙ୍କୁ ଗିରଫ କରାଯାଇଛି। ସେହିପରି ୧୯୯୯ର ଏକ ମାମଲାରେ ଫେରାର ଥିବା ଝାଞ୍ଜିରୀମଙ୍ଗଳାର ବିଶ୍ୱପ୍ରକାଶ ପରିଡ଼ାଙ୍କୁ ଗିରଫ କରାଯାଇଛି।

### 'ସ୍ୱଚ୍ଛତା ହିଁ ସେବା'

**କଟକ ଅଫିସ, ୨୪।୯-** ରାଧାନାଥ ଉଚ୍ଚତର ଶିକ୍ଷା ପ୍ରତିଷ୍ଠାନରେ ମଙ୍ଗଳବାର ପ୍ଲାଷ୍ଟିକମୁକ୍ତ ଜାଗରଣ ଅଭିଯାନ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ବନ୍ଦ ହେଲେ ପରିବେଶ ପ୍ରଦୂଷଣମୁକ୍ତ ହୋଇପାରିବ ବୋଲି କହିଥିଲେ। ଏହି ଅବସରରେ ପୋଷ୍ଟର ପ୍ରସ୍ତୁତି କର୍ମଶାଳା, ଚାରା ରୋପଣ ଓ ତର୍କ ପ୍ରତିଯୋଗିତା ହୋଇଥିଲା। ଛାତ୍ରୀଛାତ୍ରମାନେ ସଚେତନତା ପ୍ଲାକାର୍ଡ ଧରି ସହର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧକ୍ଷା ଡ. ସ୍ମିତା ମିଶ୍ର ଅଧକ୍ଷତା କରିଥିଲେ। ପ୍ରାଧାପିକା ଜ୍ୟୋତ୍ସ୍ନା ସାହୁ, ଡ. ସଙ୍ଗୀତା ବେହେରା, ଡ. ରାଜଲକ୍ଷ୍ମୀ ଦାସ, ଡ. ପ୍ରତିମା ହୋତା, ପ୍ରବୀଣା ବେହେରା ଓ ପ୍ରାଧାପକ ଡ. ଉତ୍ତମକାନ୍ତି ଜେନା ପ୍ରମୁଖ ଉପସ୍ଥିତ ଥିଲେ। ରବି ନାରାୟଣ ରଥ ଧନ୍ୟବାଦ ଦେଇଥିଲେ।

### ମହିଳା ସରପଞ୍ଚଙ୍କ ବେକରୁ ସୁନାହାର ଲୁଟ୍

**ଖୁଣ୍ଟୁଣୀ,୨୪।୯(ଡି.ଏନ୍.ଏ.):** ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ମହାକାଳବସ୍ତ ପଞ୍ଚାୟତ ସରପଞ୍ଚ ସାବିତ୍ରୀ ରାଉତଙ୍କ ବେକରୁ ମଙ୍ଗଳବାର ସନ୍ଧ୍ୟାରେ ଦୁଇ ଦୁର୍ବୃତ୍ତ ସୁନାହାର ଲୁଟି ନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ସରପଞ୍ଚ ରାଉତ ଘର ଆଗରେ ବସିଥିବା ବେଳେ ୨ଜଣ ବାଇକ୍ ଆରୋହୀ ତାଙ୍କ ଗେଟ ବାହାରେ ଛିଡା ହୋଇ ଏକ କାଗଜ ଦେଖାଇଥିଲେ। ସରପଞ୍ଚ ରାଉତ ଆସି ସେମାନଙ୍କ ହାତରୁ କାଗଜ ନେବା ବେଳେ ହଠାତ୍ ଜଣେ ଯୁବକ ତାଙ୍କ ବେକରେ ଥିବା ସୁନାହାର ଛଣ୍ଡାଇ ବାଇକରେ ଆଠଗଡ଼ ଅଭିମୁଖେ ପଳାଇଥିଲେ।

■ ଅସହାୟ ଶିଶୁ ପୁତ୍ରକୁ ସହାୟତାର ହାତ ବଢ଼ାଇଲେ ଡାକ୍ତର

# ବର୍ଷକ ପର୍ଯ୍ୟନ୍ତ ଖାଦ୍ୟ, ଔଷଧ ଯୋଗାଇବେ

**ମାହାଙ୍ଗା,୨୪।୯(ସ୍ୱ.ପ୍ର.)**

■ଜନ୍ମ ପୂର୍ବରୁ ବାପା ଓ ପରେ ମା'କୁ ହରାଇଛି ଶିଶୁପୁତ୍ର

■ଜେଜେ ମା', ଜେଜେ ବାପା କରୁଛନ୍ତି ଲାଳନ ପାଳନ

ମାହାଙ୍ଗା ଅଞ୍ଚଳର ଜଣେ ଶିଶୁପୁତ୍ର ମା'ଗର୍ଭରେ ଥିବାବେଳେ ତା'ର ବାପାଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ଏହାର ୩ମାସ ପରେ ଶିଶୁପୁତ୍ର ଜନ୍ମ ହୋଇଥିଲା। ଶିଶୁପୁତ୍ର ଜନ୍ମ ହେବାର ୭ ଦିନ ମଧ୍ୟରେ ମା'ର ମୃତ୍ୟୁ ହୋଇ ଯାଇଥିଲା। ଫଳରେ ଏହି ଶିଶୁପୁତ୍ର ମା'ବାପାଙ୍କୁ ହରାଇ ଅସହାୟ ହୋଇ ଜେଜେ ମା'ଓ ଜେଜେ ବାପାଙ୍କ ନିକଟରେ ରହିଥିଲା। ଗରିବ ଜେଜେ ମା'ଓ ଜେଜେମା ବାପା ମା' ଛେଉଣ୍ଡ ଶିଶୁକୁ ଅଭାବ ଅନାଟନ ମଧ୍ୟରେ ଲାଳନ ପାଳନ କରିଥିଲେ। ନିକଟରେ ଶିଶୁଟି କାମଳ ରୋଗରେ ଆକ୍ରାନ୍ତ ହେବାରୁ ତାକୁ ମାହାଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଥିବା ଶିଶୁରୋଗ ବିଶେଷଜ୍ଞ ତଥା ଭାରପ୍ରାପ୍ତ ଚିକିତ୍ସାଧିକାରୀ ହେମନ୍ତ ସିଂହ ଏବଂ ସ୍ୱାସ୍ଥ୍ୟକେନ୍ଦ୍ର ବିତ୍ତ ପରିଚାଳକ ସନ୍ତୋଷ ଶତପଥୀ ଶିଶୁ ସମ୍ପର୍କରେ ଶୁଣିବା ପରେ ତାକୁ ସହାୟତାର ହାତ ବଢ଼ାଇଥିଲେ। ଏକ ବର୍ଷ ପର୍ଯ୍ୟନ୍ତ ଶିଶୁର ସମସ୍ତ ଖାଦ୍ୟ ଓ ଔଷଧ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସେହି ଅନୁସାରେ ମଙ୍ଗଳବାର ଡା. ସିଂହ ଶିଶୁର ଘରକୁ ଆସି ତାର ଜେଜେ ମା' ଓ ଜେଜେ ବାପାଙ୍କୁ ୫ ହଜାର ଟଙ୍କା ପ୍ରଦାନ କରିବା ସହ ଏକ ବର୍ଷ ପାଇଁ ସମସ୍ତ ଖାଦ୍ୟ ଓ ଔଷଧ ଦେବା ପାଇଁ ଦାୟିତ୍ୱ ନେଇଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ବିତ୍ତ ଅଧିକାରୀ ତଥା ସମ୍ଭବ ଅନୁଷ୍ଠାନ ଆବାହକ ଶତପଥୀ ୨ହଜାର ଟଙ୍କା ଶିଶୁ ପରିବାରକୁ ପ୍ରଦାନ କରିଛନ୍ତି। ଏଥିରେ ଯୁବ ସଙ୍ଗଠକ ଆଲୋକ ବାରିକ ଓ ସୁଦର୍ଶନ ରାଉତ ଉପସ୍ଥିତ ଥିଲେ। ଡା. ସିଂହଙ୍କ ଏହି ମହାନୀୟତା କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

ପ୍ରକାଶଯୋଗ୍ୟ, ମାହାଙ୍ଗା ବ୍ଲକ ଶ୍ରୀକୃଷ୍ଣପୁର ଗ୍ରାମର ଦୀପକ ବେହେରା ଗତ ମାର୍ଚ୍ଚ ୧୯ରେ ବାଇକ ଯୋଗେ କଟକ ଯାଉଥିବାବେଳେ ପାଗା ଛକରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଫଳରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ଏହି ସମୟରେ ତାଙ୍କ ସ୍ତ୍ରୀ ମିନାକ୍ଷୀ ଗର୍ଭବତୀ ଥିଲେ। ଜୁଲାଇ ୧୪ରେ ଟାଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କର ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା। ସେଠାରେ ୫ଦିନ ରହି ଘରକୁ ଆସିବା ପରେ ମିନାକ୍ଷୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇ ପଡିଥିଲା। ପରେ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ୨ ଦିନ ଚିକିତ୍ସିତ ହେବା ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଫଳରେ ଜନ୍ମ ହୋଇଥିବା ଶିଶୁ ପୁତ୍ର ମା'ବାପା ଛେଉଣ୍ଡ ହୋଇ ଯାଇଥିଲା। ପୁଅ ଓ ବୋହୂକୁ ହରାଇଥିବା ଦ୍ୱୈତାରୀ ଓ ସୁଲୋଚନା ନାତିକୁ ଲାଳନପାଳନ କରିଥିଲେ।





ବିଭିନ୍ନ ଦାବି ନେଇ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ଓ ଏଆଇଟିୟୁସି ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ବିଭିନ୍ନ ଦାବିରେ ଛାତ୍ରୀଛାତ୍ରଙ୍କ ଧାରଣା

**କଟକ ଅଫିସ, ୨୪।୯**

ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଓଡ଼ିଶା (ବିପିଏଫ୍‌ଟିଆଇଓ) କଲେଜର ଛାତ୍ରୀଛାତ୍ରମାନେ ବିଭିନ୍ନ ସମସ୍ୟା ସମାଧାନ ଦାବିରେ ମଙ୍ଗଳବାର ଆନ୍ଦୋଳନକୁ ଓହ୍ଲାଇଥିଲେ। ସେମାନେ କଳାବ୍ୟାଜ ପିନ୍ଧି କଲେଜ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ଅଧକ୍ଷ ଡ. ଦିଲ୍ଲୀପ କୁମାର ପଣ୍ଡା ସେମାନଙ୍କ ସହିତ ଆଲୋଚନା କରି ତୁରନ୍ତ ସମସ୍ୟା ଦୂର ଲାଗି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସୂଚନାନୁଯାୟୀ, ଛାତ୍ରୀଛାତ୍ରମାନେ ପୂର୍ବରୁ କଲେଜର ବିଭିନ୍ନ ସମସ୍ୟା ଯଥା, ଅଧ୍ୟାପକମାନେ ଠିକ୍ ଭାବେ ପାଠ ପଢାଉ ନ ଥିବା, ନିୟମିତ ଭାବେ ପ୍ରାକ୍ଟିକାଲ ହେଉ ନ ଥିବା, ସମସ୍ତ ପାଠ୍ୟ ଉପକରଣ ଓ ଉଚ୍ଚକ୍ଷମତା ସମ୍ପନ୍ନ କ୍ୟାମେରା ବ୍ୟବହାର କରାଯାଉ ନ ଥିବା, ସିନେମା ସଂକ୍ରାନ୍ତ କର୍ମଶାଳା ହେଉ ନ ଥିବା ଆଦି ବିଷୟରେ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ। ମାତ୍ର କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଇ ନ ଥିଲେ। ଏହାର ପ୍ରତିବାଦ କରି ସେମାନେ ଧାରଣାକୁ ଓହ୍ଲାଇଥିଲେ। ଖୁବ୍‌ଶୀଘ୍ର ଏକ ବୈଠକ ଡକାଯାଇ ସମସ୍ୟାର ସମାଧାନ କରାଯିବ ବୋଲି ଅଧକ୍ଷ ପଣ୍ଡା ପ୍ରତିଶ୍ରୁତି ଦେଇଛନ୍ତି।

■ ରିପୋର୍ଟ ଦାଖଲ ସଂକ୍ରାନ୍ତ ନିର୍ଦ୍ଦେଶକୁ ଅବମାନନା

# ଆଜି ହାଇକୋର୍ଟରେ ହାଜର ହେବେ ଚନ୍ଦ୍ରଶେଖରପୁର ଆଇଆଇସି

**କଟକ ଅଫିସ, ୨୪।୯**

ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କୁ ଶ୍ୱଶୁରଘର ଲୋକେ ମାଡ଼ ମାରିଥିଲେ। ଏ ସଂକ୍ରାନ୍ତ ମାମଲାର ତଦନ୍ତ ରିପୋର୍ଟ ଦାଖଲ ପାଇଁ ହାଇକୋର୍ଟ ସମ୍ପୃକ୍ତ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ରିପୋର୍ଟ ଦାଖଲ କରାଯାଇନାହିଁ। ଏଥିରେ ବିଚାରପତି ଜଷ୍ଟିସ ବିଶ୍ୱଜିତ ମହାନ୍ତିଙ୍କୁ ନେଇ ଗଠିତ ଖଣ୍ଡପୀଠ ବିରକ୍ତି ପ୍ରକାଶ କରିବା ସହ ଥାନା ଆଇଆଇସିଙ୍କୁ ବ୍ୟକ୍ତିଗତ ଭାବେ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅନୁଯାୟୀ ବୁଧବାର ଆଇଆଇସି ବିଶ୍ୱରଞ୍ଜନ ନାୟକ କୋର୍ଟରେ ହାଜର ହେବେ।

ମାମଲାର ବିବରଣୀରୁ ପ୍ରକାଶ ଯେ, କନ୍ଧମାଳ ଜିଲାର ଯୁଧିଷ୍ଠିର ନାଏକଙ୍କ ପୁଅ ମାନସ ସମ୍ବଲପୁର ଜିଲାରେ ବିବାହ କରିଥିଲେ। ବିବାହ ପରେ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ସୃଷ୍ଟି ହୋଇଥିଲା। ଫଳରେ ମାନସଙ୍କ ସ୍ତ୍ରୀ ନିଜ ବାପଘରକୁ ଚାଲିଯାଇଥିଲେ। ତେବେ ଦୀର୍ଘଦିନ ପରେ ଉଭୟ ପକ୍ଷ ଆପୋଷ ସମାଧାନ ପାଇଁ ରାଜି ହୋଇଥିଲେ। ମାନସ ଇନ୍‌ଫୋସିସିରେ କାର୍ଯ୍ୟ କରୁଥିବାବେଳେ ଚନ୍ଦ୍ରଶେଖରପୁର ଅଞ୍ଚଳରେ ରୁହନ୍ତି। ତେଣୁ ଏଠାରେ ସମାଧାନ ପାଇଁ ସ୍ଥିର ହୋଇଥିଲା। ଏଥିଲାଗି ଉଭୟ ପକ୍ଷ ପହଞ୍ଚି ଥିବାବେଳେ ମାନସଙ୍କ ଶ୍ୱଶୁରଘର ଲୋକେ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏ ନେଇ ମାନସଙ୍କ ବାପା ଯୁଧିଷ୍ଠିର ଚନ୍ଦ୍ରଶେଖରପୁର ଥାନାରେ ଏତଲା ଦେଇଥିଲେ। ମାତ୍ର କାର୍ଯ୍ୟାନୁଷ୍ଠାନ ନ ହେବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜୁଲାଇ ୭ରେ ହାଇକୋର୍ଟ ଏହି ମାମଲାକୁ ଗ୍ରହଣ କରିଥିବାବେଳେ ୨୨ତାରିଖରେ ପ୍ରଥମ ଶୁଣାଣି ହୋଇଥିଲା। ଏହି ଦିନ କୋର୍ଟ ଭୁବନେଶ୍ୱର ପ୍ରତିପକ୍ଷଙ୍କୁ ଜବାବ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ଜୁଲାଇ ୩୧ ଓ ସେପ୍ଟେମ୍ବର ୬ରେ ମାମଲାର ଶୁଣାଣି ହୋଇଥିବାବେଳେ ପୋଲିସ କୌଣସି ଜବାବ ଦାଖଲ କରି ନ ଥିଲା। ତେଣୁ ଗତ ୧୭ତାରିଖ ଶୁଣାଣିରେ ହାଇକୋର୍ଟ ଉପରୋକ୍ତ ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ବ୍ୟୋମକେଶ ତ୍ରିପାଠୀ ମାମଲା ପରିଚାଳନା କରୁଛନ୍ତି।

## ଦିବ୍ୟାଙ୍ଗ ଅନୁଷ୍ଠାନ ବୁଲିଲେ ମନ୍ତ୍ରୀ



**କଟକ ଅଫିସ, ୨୪।୯**

ବିଜ୍ଞାନ ଓ ପ୍ରଯୁକ୍ତି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମଙ୍ଗଳବାର କଟକ ଗସ୍ତରେ ଆସି ବିଭିନ୍ନ ଦିବ୍ୟାଙ୍ଗ ଅନୁଷ୍ଠାନ ପରିଦର୍ଶନ କରିଛନ୍ତି। ମର୍କତନଗର ସେକ୍ଟର-୭ସ୍ଥିତ 'ଆଶ୍ରୟ ଦି ଶେଲ୍‌ଟର' ଯାଇ ୨୫୦ଜଣ ଦିବ୍ୟାଙ୍ଗ ଶିଶୁଙ୍କୁ ଭେଟି ବିଭିନ୍ନ ସୁବିଧା ସୁଯୋଗ ମିଳୁଛି କି ନାହିଁ ପଚାରି ବୁଝିଥିଲେ। ଅନୁଷ୍ଠାନର କର୍ମକର୍ତ୍ତାମାନେ ଜମି ଯୋଗାଇଦେବାକୁ ଅନୁରୋଧ କରିଥିଲେ। ପରେ ସେ ମଙ୍ଗଳାବାଗସ୍ଥିତ ସହାୟ ବିଦ୍ୟାଳୟକୁ ଯାଇ ଇଲେକ୍ଟ୍ରୋଥେରାପି ୟୁନିଟ ଓ ବିୟୁଟି ପାର୍ଲର ଟ୍ରେନିଂ ସେଣ୍ଟର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆଶ୍ରୟ ଦି ଶେଲ୍‌ଟର ସଭାପତି ଡା. ଶୈଳେଶ୍ୱର ନନ୍ଦ, ସୁଜାତା ପଟ୍ଟନାୟକ, ସହାୟ ମୁଖ୍ୟ ମୃଣାଳିନୀ ପାଢୀ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଉପଜିଲାପାଳ ଶୁଭ୍ରାଂଶୁ ଶେଖର ମିଶ୍ର, ଜିଲା ସାମାଜିକ କଲ୍ୟାଣ ଅଧିକାରୀ ଅଶୋକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଗୋପଦ ଅଭିଯାନ: ଜିଲାପାଳ ବୁଲିଲେ ସିଡିଏ

**କଟକ ଅଫିସ, ୨୪।୯**

ଜିଲାପାଳ ଭବାନୀ ଶଙ୍କର ଚୟନୀ ମଙ୍ଗଳବାର ଗୋପଦ ଅଭିଯାନରେ ସିଡିଏ ସେକ୍ଟର-୧୦, ୧୧, ୧୨ ନମ୍ବର ଅଞ୍ଚଳ ପରିଦର୍ଶନ କରିଛନ୍ତି। ମଧୁସୂଦନ ସେତୁଠାରୁ ବିଜୁ ପଟ୍ଟନାୟକ ପାର୍କ ଓ ଏହା ସନ୍ନିକଟ ଅଞ୍ଚଳ ବୁଲି ଜବରଦଖଲ ଉଚ୍ଛେଦ ପାଇଁ ସିଡିଏ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେକ୍ଟର- ୧୦, ୧୧, ୧୨, ୧୩ ଏବଂ ୧୫ ଅଞ୍ଚଳରେ ଅବ୍ୟବହୃତ ଜମି ଚିହ୍ନଟ ଏବଂ ଏଥିରେ ବିଭିନ୍ନ ହାଉସିଂ, ବାଣିଜ୍ୟିକ ପ୍ରତିଷ୍ଠାନର ଯୋଜନା ପ୍ରସ୍ତୁତ କରିବାକୁ କହିଛନ୍ତି। ସେକ୍ଟର-୧୨ସ୍ଥିତ ବିଜୁ ପଟ୍ଟନାୟକ ଉଦ୍ୟାନ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଗଢିଉଠିଥିବା ବେଆଇନ ଘରଗୁଡିକୁ ଚିହ୍ନଟ କରି ଆଇନ ଅନୁସାରେ ଓପିପି କେସ୍ ଦାଏର କରିବାକୁ ଉପସ୍ଥିତ ଇଷ୍ଟେଟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜନସାଧାରଣଙ୍କ ଗମନାଗମନ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ରାସ୍ତାର ନବୀକରଣ ଓ ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ କଟକ ମ୍ୟୁନିସିପାଲିଟି କର୍ପୋରେଶନକୁ ଚିଠି ଲେଖିବାକୁ ସେ ଯନ୍ତ୍ରୀଙ୍କୁ କହିଛନ୍ତି। ଏହି ଅବସରରେ ସିଡିଏର ବହୁ ଅଧିକାରୀ ଉପସ୍ଥିତ ଥିଲେ।

## ଏନ୍‌ଏସ୍‌ଏସ୍ ପ୍ରତିଷ୍ଠା ଦିବସ

**କଟକ ଅଫିସ, ୨୪।୯**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ମଙ୍ଗଳବାର ଏନ୍‌ଏସ୍‌ଏସ୍ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରୋଗ୍ରାମ ଅଫିସର ଡ. ଭାଗବତ ବେହେରା ଏବଂ ଡ. ଯଯାତି ନାୟକଙ୍କ ତତ୍ତ୍ୱାବଧାନରେ ସଚେତନତା କାର୍ଯ୍ୟକ୍ରମ ଉଦଘାଟିତ ହୋଇଛି। ଏହା ଏକ ସପ୍ତାହ ଚାଲିବ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ରଚନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରଫେସର ସଞ୍ଜୟ କୁମାର ଶତପଥୀ, ଡ. ଟି.କେ. ପାଣି, ଡ. ସୁପ୍ରଭା ସାହୁ, ଡ. ଏମ୍. ପତି, ପି. ପରିଡ଼ାଙ୍କ ସମେତ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

■ ମାହାଙ୍ଗା ନାବାଳିକା ଗର୍ଭବତୀ ମାମଲା

# ପୀଡ଼ିତାଙ୍କୁ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

**କଟକ ଅଫିସ, ୨୪।୯**

କଟକ ଜିଲା ମାହାଙ୍ଗା ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କୁ ବଳାତ୍କାର କରି ଗର୍ଭବତୀ କରିବା ମାମଲାରେ କଟକ ତୃତୀୟ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ପୋକ୍ସୋ ଅଦାଲତ ମଙ୍ଗଳବାର ପୀଡ଼ିତାଙ୍କ ଶିଶୁକନ୍ୟାର ପାଠପଢ଼ା ଲାଗି କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଭିକ୍ଟିମ୍ କମ୍ପେନ୍‌ସେସନ୍ ସ୍କିମ୍ ଅନୁଯାୟୀ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ଅଦାଲତ କଟକ ଜିଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୪ରେ ଅଭିଯୁକ୍ତ ଶମ୍ଭୁନାଥ ବେହେରା ପଡ଼ୋଶୀ ନାବାଳିକାଙ୍କୁ ଧମକ ଚମକ ଦେଇ ବଳାତ୍କାର କରିଥିଲେ। ଏଥିଯୋଗୁ ନାବାଳିକା ଜଣକ ଗର୍ଭବତୀ ହୋଇଥିଲେ। ପରେ ଏ ନେଇ ତାଙ୍କ ମା' ମାହାଙ୍ଗା ଥାନାରେ ଅଭିଯୋଗ କରିଥିବାବେଳେ ପୀଡ଼ିତା ସନ୍ତାନର ଜନନୀ ହୋଇଥିଲେ। ସମ୍ପୃକ୍ତ ଶିଶୁର ଡିଏନ୍‌ଏ ଟେଷ୍ଟ କରାଯାଇଥିଲା। ଏବେ ପୀଡ଼ିତା ଏକ ସ୍ୱଧାର ଗୃହରେ ରହୁଛନ୍ତି। ଏହି ଘଟଣାରେ ଅଭିଯୁକ୍ତ ଶମ୍ଭୁନାଥ ପୀଡ଼ିତାଙ୍କ ଗୃହ ପୋଡ଼ି ଦେଇଥିଲେ। ଏ ନେଇ ମାହାଙ୍ଗା ଥାନା ପକ୍ଷରୁ ଭାରତୀୟ ଦଣ୍ଡବିଧି ଆଇନ ଧାରା ୩୭୬ ଓ ପୋକ୍ସୋ ଆଇନ ଧାରା ୬ ଅନୁଯାୟୀ ମାମଲା ରୁଜୁ ହୋଇଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ରମେଶ ଚନ୍ଦ୍ର ମହାନ୍ତି ଏହି ମାମଲା ପରିଚାଳନା କରୁଛନ୍ତି।

■ ଆଲୋଚନାଚକ୍ରରେ ଯୋଗଦେଲେ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ

# ବାକ୍ ସ୍ୱାଧୀନତା ସୁରକ୍ଷାରେ ଆଇନଜୀବୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**କଟକ ଅଫିସ, ୨୪।୯**

ସ୍ୱାଧୀନ ଭାରତରେ ପ୍ରତ୍ୟେକ ନାଗରିକଙ୍କ ବାକ୍ ସ୍ୱାଧୀନତା ରହିଛି। ଏହି ଅଧିକାର ସୁରକ୍ଷା ଦିଗରେ ଆଇନଜୀବୀମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମଙ୍ଗଳବାର ହାଇକୋର୍ଟ ବାର୍ କନଭେନଶନ ହଲ୍‌ରେ ଆୟୋଜିତ ବାକ୍ ସ୍ୱାଧୀନତା ସମ୍ପର୍କିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ କହିଛନ୍ତି।

ସେ କହିଥିଲେ, ୧୯୭୭ରେ ଭାରତରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା ବେଳେ ବ୍ୟକ୍ତି ସ୍ୱାଧୀନତା ଓ ବାକ୍ ସ୍ୱାଧୀନତା ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। ବାକ୍ ସ୍ୱାଧୀନତା ପ୍ରତ୍ୟେକ ବ୍ୟକ୍ତିଙ୍କର ଗୁରୁତ୍ୱପୂର୍ଣ୍ଣ ଅଧିକାର।





ଆଲୋଚନାଚକ୍ରରେ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଓ ଅତିଥିବୃନ୍ଦ।

ମାତ୍ର ବିଭିନ୍ନ ସମୟରେ ଦେଶର ସୁରକ୍ଷା ଓ ସାର୍ବଭୌମ୍ୟ ପ୍ରସଙ୍ଗରେ ବ୍ୟକ୍ତି ସ୍ୱାଧୀନତା ଓ ବାକ୍ ସ୍ୱାଧୀନତା ଉପରେ ପ୍ରତିବନ୍ଧକ ଲଗାଯାଇଥାଏ। ସେହିପରି ବିଚାର ବିଭାଗ ଓ ଆଇନଜୀବୀମାନଙ୍କ ମଧ୍ୟରେ ସମନ୍ୱୟ ରହିଲେ ମାମଲାଗୁଡ଼ିକର ଦ୍ରୁତ ବିଚାର ହୋଇପାରିବ ଓ ଲୋକେ କମ୍ ଦିନରେ ନ୍ୟାୟ ପାଇପାରିବେ ବୋଲି ରାଜ୍ୟପାଳ ହରିଚନ୍ଦନ ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଡ. ଦୁର୍ଗାପ୍ରସନ୍ନ ଚୌଧୁରୀ ମୁଖ୍ୟବକ୍ତା, ଆଡଭୋକେଟ ଜେନେରାଲ ଅଶୋକ କୁମାର ପରିଜା ଓ ଭାରତ ସରକାରଙ୍କ ଦ୍ୱାରା ନିଯୁକ୍ତ ସହକାରୀ ସଲିସିଟର ଜେନେରାଲ ଅନୁପ କୁମାର ବୋଷ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟପାଳ ହରିଚନ୍ଦନଙ୍କୁ ବିଭିନ୍ନ ବାର୍ ଆସୋସିଏଶନ ଏବଂ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ହାଇକୋର୍ଟ ବାର୍ ଆସୋସିଏଶନ ଏବଂ ମାନବାଧିକାର ମଞ୍ଚ ଓଡ଼ିଶା ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଆଲୋଚନାଚକ୍ରରେ ବାର୍ ସଭାପତି ଗୋପାଳକୃଷ୍ଣ ମହାନ୍ତି ସଭାପତିତ୍ୱ କରିଥିଲେ। ସମ୍ପାଦକ ସଞ୍ଜୟ କୁମାର ଦାସ ଅତିଥିଙ୍କୁ ସ୍ୱାଗତ, ଆଡଭୋକେଟ ପ୍ରଦୀପ କୁମାର ପଟ୍ଟନାୟକ ଅତିଥି ପରିଚୟ ଏବଂ ମାନବାଧିକାର ମଞ୍ଚର ସମ୍ପାଦକ ନଟବର ପଣ୍ଡା ଧନ୍ୟବାଦ ଦେଇଥିଲେ।



ସତ୍ୟ ହେଉଛି ଏକ କଣ୍ଟକିତ ବାଟ। ଏହି ବାଟରେ ଗଲେ ଲହୁଲୁହାଣ ହେବାକୁ ପଡ଼ିପାରେ। କିନ୍ତୁ ଏହା ହେଉଛି ସିଧା ବାଟ।
-ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ୧୧ ଗ୍ରାମ ବ୍ରାଉନସୁଗାର ଜବତ, ଜଣେ ଜେଲ ଗଲେ

**ଖୋର୍ଦ୍ଧା ଅଫିସ,୨୪।୯:**ଖୋର୍ଦ୍ଧା ସଦର ଥାନା ଦେଉଳଟାଙ୍ଗୀରୁ ଖୋର୍ଦ୍ଧା ଅବକାରୀ ବିଭାଗର କର୍ମଚାରୀମାନେ ମଙ୍ଗଳବାର ପୂର୍ବାହ୍ନରେ ୧୧ ଗ୍ରାମ ବ୍ରାଉନସୁଗାର ଓ ୧୦ ହଜାର ୧୦୦ ଟଙ୍କା ଜବତ କରିଛି। ଏହି ଘଟଣାରେ ଦେଉଳଟାଙ୍ଗୀ ମୁସଲିମ୍‌ସାହିର ମହମ୍ମଦ ସକାୱତ(୪୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସକାୱତଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ପଠାଯାଇଛି। ଜବତ ବ୍ରାଉନସୁଗାରର ଦାମ ୧ ଲକ୍ଷ ୧୦ ହଜାର ଟଙ୍କା ହେବ ବୋଲି ଅବକାରୀ ଇନ୍ସପେକ୍ଟର ରଞ୍ଜନ ନାୟକ ସୂଚନା ଦେଇଛନ୍ତି।

### ମହିଳାଙ୍କ ଆତ୍ମହତ୍ୟା

**ଖୋର୍ଦ୍ଧା ଅଫିସ,୨୪।୯:** ବାଣପୁର ଥାନା ଶାଳିଆ ଡ୍ୟାମ୍ ନିକଟ ଲୋଧମୁହଁ ଗ୍ରାମର ରଘୁ ଜାନୀଙ୍କ ସ୍ତ୍ରୀ ସୁନତୀ (୨୩) ସୋମବାର ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ଜଣାପଡିନି। ସୁନତୀଙ୍କ ସ୍ୱାମୀ କାମ କରିବାକୁ ବାହାରକୁ ଯାଇଥିବାବେଳେ ସେ ଏକୁଟିଆ ଥିଲେ। ସୁନତୀଙ୍କ ଅବସ୍ଥା ଗୁରୁତର ହେବାରୁ ଚିକିତ୍ସା ପାଇଁ ଗାଁର କେତେଜଣ ମହିଳାପୁରୁଷ ବାଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସିତ ଅବସ୍ଥାରେ ସୋମବାର ରାତିରେ ସୁନତୀଙ୍କ ମୃତ୍ୟୁ ହୋଇଛି। ଖବରପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରିବା ସହ ନଂ. ୧୯/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ଜଟଣୀରେ ଘଣ୍ଟା ଘଣ୍ଟା ବିଦ୍ୟୁତ୍ କାଟ

**ଜଟଣୀ, ୨୪।୯(ଡି.ଏନ.ଏ.):** ବହୁବାର ଆନ୍ଦୋଳନ ଓ ପ୍ରତିବାଦ ସତ୍ତ୍ୱେ ଜଟଣୀରେ ବିଦ୍ୟୁତ୍ କାଟ ସମସ୍ୟା ଦୂର ହେଉନାହିଁ। ଘଣ୍ଟା ଘଣ୍ଟା ଧରି ଏଠାରେ ବିଦ୍ୟୁତ୍ କାଟ ହେଉଛି। ବିଭିନ୍ନ ଦଳ ଓ ସଙ୍ଗଠନ ପକ୍ଷରୁ ବହୁବାର ଏହା ବିରୋଧରେ ଧାରଣା ଦାବିପତ୍ର ପ୍ରଦାନଠାରୁ ଆରମ୍ଭ କରି ବିଭାଗୀୟ ମନ୍ତ୍ରୀ ଓ ଅଧିକାରୀଙ୍କୁ ଭେଟି ଏପରି ସମସ୍ୟା ନେଇ ପୂର୍ବରୁ ଦୃଷ୍ଟିଆକର୍ଷଣ କରାଯାଇଛି। ହେଲେ କୌଣସି ସୁଫଳ ମିଳୁନାହିଁ। ଦୈନିକ ୭ରୁ ୮ ଘଣ୍ଟା ବିଦ୍ୟୁତ୍ କାଟ ହେଉଛି। ମଙ୍ଗଳବାର ଅନୁଷ୍ଠିତ ଜିଲାସ୍ତରୀୟ ସମୀକ୍ଷା ବୈଠକରେ ଯୋଗଦେବାକୁ ଖୋର୍ଦ୍ଧା ଆସିଥିବା ଶକ୍ତିମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ରଙ୍କୁ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ପୂର୍ବତନ କାଉନ୍‌ସିଲର ବିଷ୍ଣୁ ସାହୁ, ଶୁଭେନ୍ଦୁ ପରିଜା, ନୌସର ଅଲ୍ଲୀ ପ୍ରମୁଖ ସାକ୍ଷାତ କରି ଏହି ସମସ୍ୟା ନେଇ ଦୃଷ୍ଟିଆକର୍ଷଣ କରିଥିଲେ।

### ସମନ୍ୱୟ ମେଳା

**ଖୋର୍ଦ୍ଧା ଅଫିସ,୨୪।୯:**ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ବାଣପୁର ଶାଖା ପକ୍ଷରୁ ୨୯ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ନେଇ ବ୍ୟାଙ୍କ ପରିସରରେ ଏକ ସମନ୍ୱୟ ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇ ଯାଇଛି। ଶାଖା ପରିଚାଳକ ଶିବ ରାମ ପାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମେଳାରେ ଭୁବନେଶ୍ୱର ଶାଖାର ଏଜିଏମ ବିଜୟ କୁମାର ପାଢ଼ୀ ମୁଖ୍ୟ ଅତିଥି, ସିଇଓ ହେମନ୍ତ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବାଣପୁର ବିଜ୍ଞାପିତ ଅଞ୍ଚଳର ୩ଟି, ଭେଟେଶ୍ୱରର ୪ଟି ଓ ନୀଳାଦ୍ରିପ୍ରସାଦ ପଞ୍ଚାୟତର ୨୨ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ପ୍ରାୟ ୪୩ ଲକ୍ଷ ଟଙ୍କାର ଋଣ ପ୍ରଦାନ କରିଥିଲେ।

## ■ ଶକ୍ତିମନ୍ତ୍ରୀଙ୍କ ସମୀକ୍ଷା ବୈଠକ

# ୩୦ କି.ମି. ମଧ୍ୟରେ କରାଯିବ ବିଦ୍ୟୁତ୍ ଜଙ୍କଶନ

**ଖୋର୍ଦ୍ଧା ଅଫିସ,୨୪।୯**

■ ଓଡ଼ିଶାକୁ ବିଦ୍ୟୁତ୍ ବଳକା ରାଜ୍ୟରେ ପରିଣତ କରାଯିବ
■ ବାଦ୍ ପଡିଥିବା ଲୋକ ପୁଣି ପାଇବେ ସୌଭାଗ୍ୟରେ ବିଦ୍ୟୁତ୍



ସମୀକ୍ଷା ବୈଠକରେ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଓ ଅନ୍ୟମାନେ।

ଶକ୍ତି, ଗୃହ, ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ରାଷ୍ଟ୍ରମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ମଙ୍ଗଳବାର ଜିଲାକୁ ଗସ୍ତରେ ଆସି ଖୋର୍ଦ୍ଧା ଶିଳ୍ପାଞ୍ଚଳ ସମେତ ବିଭିନ୍ନ ଅଞ୍ଚଳ ବୁଲିଥିଲେ। ଅପରାହ୍ନରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ନିଜ ବିଭାଗଗୁଡିକ ଉପରେ ସମୀକ୍ଷା କରିଥିଲେ। ମନ୍ତ୍ରୀଙ୍କ ସୂଚନା ଅନୁସାରେ, ୨୦୦୦ରୁ ୨୦୧୨ ମଧ୍ୟରେ ବିଦ୍ୟୁତ୍ ସିଷ୍ଟମ ଉନ୍ନତୀକରଣ କରାଯାଇ ନ ଥିଲା। ଏବେ ଏହାର ଉନ୍ନତୀକରଣ କରାଗଲା। ପ୍ରତି ୩୦ କିମି ବ୍ୟବଧାନରେ ବିଦ୍ୟୁତ୍ ଜଙ୍କଶନ୍ କରାଯିବାକୁ ପ୍ରସ୍ତାବ ରହିଛି। ଓଡ଼ିଶାକୁ ବିଦ୍ୟୁତ୍ ବଳକା ରାଜ୍ୟରେ ପରିଣତ କରାଯିବ। ସ୍ମାର୍ଟ ମିଟର ଲାଗିବା ସହ କିଛି ଦୂରରେ ଆଣ୍ଟିନା ଲାଗିବ। ଲାଇନ କାଟିବାକୁ ହେଲେ ତାର କାଟିବାର ଆବଶ୍ୟକତା ନାହିଁ। ସ୍ମାର୍ଟ ମିଟର ସମ୍ବଲପୁରରୁ ଲାଗିବ କୁହାଯିବା ପରେ ବିରୋଧ ବଢିଥିଲା। ଉପଭୋକ୍ତା କମ୍ ପଇସାରେ ଭଲ ବିଜୁଳି କିପରି ପାଇ ପାରିବେ ତା'ର ବ୍ୟବସ୍ଥା ଚାଲିଛି। ଅନ୍ୟପକ୍ଷେ ମୋ ବିଭାଗରେ ଯାହା ଅସୁବିଧା ମୋତେ ସିଧାସଳଖ ଜଣାଅ ବୋଲି ସମୀକ୍ଷା ବୈଠକରେ କହିଥିଲେ। ଅନ୍ୟପକ୍ଷେ ଓପିଡିସିଆଲର ବିଭାଗୀୟ ଅଧିକାରୀଙ୍କ ଉପରେ ବିଜ୍ଞାନ ଓ ଟେକ୍ନୋଲୋଜି ମନ୍ତ୍ରୀ ଅଶୋକ ପଣ୍ଡା ବିରକ୍ତି ପ୍ରକାଶ ସହ ତାଗିଦ୍ କରିଥିଲେ। ସେହିପରି ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ କହିଥିଲେ ନଇରୀ, ବଉଳାବନ୍ଧ ପରି ଜିଲାର ବିଭିନ୍ନ ଅଞ୍ଚଳରେ ସର୍ଭିସ ଓ୍ୱାୟାରରେ ସ୍ପାର୍କିଂର ଭୟ ରହିଛି। ଏଣୁ ନୂଆ କେବୁଲ ପକାଯାଉ। ଚିଲିକା ନିର୍ବାଚନମଣ୍ଡଳୀରେ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ଲାଗି ରହିଛି। ସାରୁଅ ପରି ବିଦ୍ୟୁତ୍ ଷ୍ଟ୍ରକ୍ଚରରେ କର୍ମଚାରୀ ନିଯୁକ୍ତି ମିଳୁ ନ ଥିବାରୁ ପରିତ୍ୟକ୍ତ ଅବସ୍ଥାକୁ ଆସିଗଲାଣି। ସେହିପରି ବାଲୁଗାଁ, ବାଣପୁର ସହରାଞ୍ଚଳରେ ବିପର୍ଯ୍ୟସ୍ତ ଟ୍ରାଫିକ ସେବାକୁ ସୁଧାରିବାକୁ ଦୃଷ୍ଟି ଆକର୍ଷଣ କରିଥିଲେ। ଖୋର୍ଦ୍ଧା ଓ ସାରୁଅ ଶିଳ୍ପାଞ୍ଚଳରେ ସ୍ଥାନୀୟ ଯୁବକ ଓ ଠିକାଦାରଙ୍କୁ ନିଯୁକ୍ତି ମିଳୁନି। ପୁଣି ଶିଳ୍ପାନୁଷ୍ଠାନର ଚତୁଃପାର୍ଶ୍ୱରେ ସିଏସ୍‌ଆର ପାଣ୍ଠି ଖର୍ଚ୍ଚ ହେଉଥିବା ଜଣାପଡୁନି। ଜୟଦେବ ବିଧାୟକ ଅରବିନ୍ଦ ଢାଲି କହିଥିଲେ, ପଞ୍ଚାୟତରେ ଷ୍ଟ୍ରିଟ ଲାଇଟ୍ ଲଗାଇବାକୁ ୨୦ରୁ ୩୦ ଲକ୍ଷ ଟଙ୍କା ପଡି ରହିଥିଲେ ହେଁ କାମ କରାଯାଉନି। କଞ୍ଜ୍ୟୁମର ବଢିଥିଲେ ମଧ୍ୟ ଟ୍ରାନ୍ସଫର୍ମର ଶକ୍ତି ବଢୁନି। ବାଲିଅନ୍ତା ଥାନାରେ ପିସିଆର ଭ୍ୟାନ ନାହିଁ। ପୋଲିସ କମିଶନରଙ୍କୁ ଭେଟି ଅନୁରୋଧ କରିଥିଲେ ମଧ୍ୟ ସୁଫଳ ମିଳିନି। ଜୟଦେବ ପରି ପର୍ଯ୍ୟଟନସ୍ଥଳରେ ପୋଲିସ ଆଉଟପୋଷ୍ଟ କରାଯିବାର ଆବଶ୍ୟକତା ରହିଛି। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ କହିଥିଲେ, ଜଟଣୀ ରେଳବାଇ ଜମିରେ ୧୫୦ ରିଫ୍ୟୁଜ୍ ପରିବାର ଅଛନ୍ତି। ସେଞ୍ଚୁରିଆନ କଲେଜ ପାଖରେ ୨୦ ଏକର ଜମି ରହିଛି ସେଥିରେ ତାଙ୍କୁ ଥଇଥାନ କରାଯାଉ। ଫ୍ଲାଏ ଓଭର ବ୍ରିଜ ଯୋଗୁ ଦୋକାନୀମାନଙ୍କୁ ଉଚ୍ଛେଦ କରାଯାଇଛି। ସେମାନଙ୍କୁ ଚିହ୍ନଟ ହୋଇଥିବା ୨୦ ଏକର ଜମିରେ ମାର୍କେଟ କମ୍ପ୍ଲେକ୍ସ କରି ଥଇଥାନ କରାଯାଉ। ଦାରୁଠେଙ୍ଗର ଅଳିଆ ଯୋଗୁ ସୃଷ୍ଟ ଭାଇରସରେ ୫ ହାତୀ, ୨ ଗଣ୍ଡା ଓ ଗୋଟିଏ ଧଳା ବାଘ ମରି ସାରିଲେଣି। ଏହାକୁ ମଧ୍ୟ ଗୁରୁତ୍ୱ ଦିଆଯାଉ। ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର କହିଥିଲେ, ଖୋର୍ଦ୍ଧା ଶିଳ୍ପାଞ୍ଚଳ ଫାଣ୍ଡିକୁ ଥାନାର ମାନ୍ୟତା, ଖୋର୍ଦ୍ଧା ସହରର ବିପର୍ଯ୍ୟସ୍ତ ଟ୍ରାଫିକର ସୁଧାର ଓ ପାଟ୍ରୋଲିଂ ବ୍ୟବସ୍ଥାକୁ ଗୁରୁତ୍ୱ ଦେବାକୁ କହିଥିଲେ। ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଦଳେଇ କହିଥିଲେ, ଘରକୁ ଘର ବିଦ୍ୟୁତ୍ ସଂଯୋଗ ନ ଦେଇ ବିଲ୍ ସେସୁ ପ୍ରଦାନ କରିଛି। ମାସକୁ ମାସ ମିଟର ରିଡିଂ ନ ନେବାରୁ ବିଦ୍ୟୁତ୍ ବିଲ୍ ଆସିଲା ନାହିଁ। ୩ ବର୍ଷ ପରେ ୧୯ରୁ ୨୦ ହଜାର ଟଙ୍କାର ବିଲ୍ ଆସିଛି। ଗ୍ରାହକଙ୍କ ଏକା ସମୟରେ ବିଲ୍ ଦେବା ସମ୍ଭବ ନୁହେଁ। ଜିଲାପାଳ ସୀତାଂଶୁ ରାଉତ ବନ୍ଦ ହୋଇଥିବା କ୍ରଶର ଓ ପଥର ଖଣି ଖନନ କାର୍ଯ୍ୟ ତ୍ୱରାନ୍ୱିତ ହେବାକୁ ଯାଉଛି ବୋଲି କହିଥିଲେ। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ମଧ୍ୟ ଉପସ୍ଥିତ ଥିଲେ।



ମା' ଭଗବତୀଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

## ମା' ଭଗବତୀଙ୍କ ଶାରଦୀୟ ସେବା କାର୍ଯ୍ୟରେ ବିଭ୍ରାଟ

**ଖୋର୍ଦ୍ଧା ଅଫିସ,୨୪।୯:** ବାଣପୁର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କର ଶାରଦୀୟ ଷୋଳ ପୂଜା ପର୍ବ ରବିବାର ଆରମ୍ଭ ହୋଇଛି। ପ୍ରଥମ ଦିନରୁ ମା' ଙ୍କର ନୀତିକାନ୍ତିରେ ସେବାୟତମାନେ ସହଯୋଗ ନ କରିବାରୁ ବିଭ୍ରାଟ ଦେଖାଦେଇଛି। ସେବାୟତଙ୍କର ୧୪ଟି ଦାବି ପୂରଣ ନ ହେବାରୁ ପ୍ରଥମଦିନରୁ ମା'ଙ୍କ ସେବାରେ ଅସହଯୋଗ କରିଥିବା କହିଛନ୍ତି। ମା'ଙ୍କୁ ସନ୍ଧ୍ୟା ସମୟରେ ବିଜେ କରିବା ପରିବର୍ତ୍ତେ ପ୍ରଥମଦିନରେ ରାତି ପ୍ରାୟ ସାଢେ ୧୨ଟା ଓ ଦ୍ୱିତୀୟ ଦିନରେ ପ୍ରାୟ ସାଢେ ୧୧ଟା ବେଳକୁ ମା'ଙ୍କୁ ମୁଖ୍ୟ ମନ୍ଦିରକୁ ବିଜେ କରିଥିଲେ। ତୃତୀୟ ଦିବସରେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କରାଯାଇ ନ ଥିଲା। ଏହାକୁ ନେଇ ଚାପା ଉତ୍ତେଜନା ଦେଖାଦେଇଥିବା ବେଳେ ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ ଏଥିରେ ହସ୍ତକ୍ଷେପ କରିଥିଲେ। ସେବାୟତ, ପରିଚାଳନା କମିଟି ଓ ଏଣ୍ଡାଓମେଣ୍ଟର କର୍ମଚାରୀଙ୍କର ନେଇ ଶାନ୍ତି କମିଟି ବୈଠକ ବସିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା।

## ■କନ୍ଧାଖାଇ କଲେଜର ପିଲାମାନେ କଲେ ସଫେଇ

# ପଲିଥିନ ବର୍ଜନ, ଚିଲିକା ସୁରକ୍ଷାର ଦେଲେ ନାରା

**କୃଷ୍ଣପ୍ରସାଦ,୨୪।୯(ଡି.ଏନ.ଏ.)**

କୃଷ୍ଣପ୍ରସାଦ ବ୍ଲକର କନ୍ଧାଖାଇ ବିଜ୍ଞାନ ଓ କଳା ମହାବିଦ୍ୟାଳୟ +୨ ଏବଂ +୩ ବର୍ଷ ଜାତୀୟ ସେବା ସଂସ୍ଥା ତରଫରୁ ୫୦ତମ ଏନ୍‌ଏସ୍‌ଏସ୍ ଦିବସ ଓ ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ସଫେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ନୃସିଂହାନନ୍ଦ ପଣ୍ଡା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । +୨ ଜାତୀୟ ସେବା ସଂସ୍ଥା ପ୍ରୋଗ୍ରାମ ଅଫିସର ଚନ୍ଦ୍ରଶେଖର ମହାନ୍ତି ,ଡିଗ୍ରୀ କଲେଜ ଜାତୀୟ ସେବା ସଂସ୍ଥା ପ୍ରୋଗ୍ରାମ ଅଫିସର ପ୍ରାଧ୍ୟାପକ ଡ.ପ୍ରଭାତ କୁମାର ଆଚାର୍ଯ୍ୟଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ କଲେଜ ଠାରୁ ସାଇକେଲ ଶୋଭାଯାତ୍ରାରେ ବାହାରି ସ୍ୱଚ୍ଛ ଭାରତ,ପଲିଥିନ ବର୍ଜନ,ପରିବେଶ ଓ ଚିଲିକା ସୁରକ୍ଷା ଆଦି ନାରା ଦେଇ ଆଖପାଖ ଗ୍ରାମ ପରିକ୍ରମା କରିଥିଲେ । ଏଥିସହିତ କଣ୍ଟାବଣିଆ ସ୍ଥିତ ମା ଠାକୁରାଣୀ ଏବଂ ରାଧାକୃଷ୍ଣ ମନ୍ଦିର ପରିସରରୁ ଅଳିଆ ଆବର୍ଜନା ସଫେଇ କରାଯାଇଥିଲା। ପରେ କଲେଜ ପରିସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ମଧୁସୂଦନ ସାହୁ,ଗଙ୍ଗାଧର ଦାଶ,ରାଜ କିଶୋର ସାମନ୍ତରାୟ,ଗୋପାଳ ଚନ୍ଦ୍ର ଚଟ୍ଟୋପାଧ୍ୟାୟ,ଅଧ୍ୟାପିକା ଚନ୍ଦନା ନାୟକ,ମୁଖ୍ୟକିରାଣୀ ପ୍ରକାଶ ଚନ୍ଦ୍ର ଗୌଡ,କଲେଜର କ୍ରୀଡା ପ୍ରଶିକ୍ଷକ ରମେଶ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗଦେଇ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରିଥିଲେ।




ଜାତୀୟ ସେବା ସଂସ୍ଥାରେ ଯୋଗ ଦେଇଥିବା କଲେଜର ଛାତ୍ର ଓ ଅନ୍ୟମାନେ।

## ବିଦ୍ୟାଳୟ କକ୍ଷରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଛାତ୍ରୀ ଗୁରୁତର



**ବାଲୁଗାଁ,୨୪।୯(ଡି.ଏନ.ଏ.)**

ଚିଲିକା ବ୍ଲକ୍ ବଡ଼କୁଳସ୍ଥିତ ଚିଲିକା ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ଶ୍ରେଣୀ ଗୃହରେ ମଙ୍ଗଳବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଛାତ୍ରୀ ଗୁରୁତର ହୋଇଛନ୍ତି। ଆହତ ଛାତ୍ରୀ ହେଲେ ବଡ଼କୁଳ ଗ୍ରାମର ଲକ୍ଷ୍ମୀପ୍ରିୟା ବେହେରା (୧୧) । ବିଦ୍ୟାଳୟରେ ମଧ୍ୟାହ୍ନ ବିରତି ସମୟରେ ଷଷ୍ଠ ଶ୍ରେଣୀରେ ପଢୁଥିବା ଲକ୍ଷ୍ମୀପ୍ରିୟା ଶ୍ରେଣୀ ଗୃହରେ ଥିବା ଲୁହା ଝରକାକୁ ଧରିଦେବାରୁ ବିଦ୍ୟୁତ୍‌ସଂସ୍ପର୍ଶରେ ଆସିଥିଲେ। ନିକଟରେ ଥିବା ଦୁଇ ସହପାଠୀ ତାଙ୍କୁ ଉଦ୍ଧାର କରିବାକୁ ଯାଇ ସେମାନେ ମଧ୍ୟ ବିଦ୍ୟୁତ୍ ଆଘାତର ଶିକାର ହୋଇଥିଲେ । ପରେ ଜଣେ ଛାତ୍ରୀ ଉପସ୍ଥିତ ବୁଦ୍ଧି ଖଟାଇ ନିଜର ସ୍କୁଲ୍ ବ୍ୟାଗ୍‌କୁ ଲକ୍ଷ୍ମୀପ୍ରିୟାଙ୍କ ହାତକୁ ଫୋପାଡ଼ି ଦେବାରୁ ସେ ଅଚେତ ହୋଇ ତଳେ ପଡ଼ିଯାଇଥିଲେ। ଗୁରୁତର ଅବସ୍ଥାରେ ଲକ୍ଷ୍ମୀପ୍ରିୟାଙ୍କୁ ନିକଟସ୍ଥ ବାଲୁଗାଁ ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ମଙ୍ଗଳବାର ଦିନତମାମ ବର୍ଷା ଜାରିରହିଥିବା ବେଳେ କୌଣସି କାରଣରୁ କାନ୍ଥ ଓଦା ହୋଇ ଝରକାରେ ବିଦ୍ୟୁତ୍ ଚାର୍ଜ ହୋଇଥିବା ଅନୁମାନ କରାଯାଉଛି।

## ଗାନ୍ଧୀଜୟନ୍ତୀ ଉପଲକ୍ଷେ ବ୍ଲକସ୍ତରୀୟ ପ୍ରତିଯୋଗିତା

**ଟାଙ୍ଗୀ (ଖୋର୍ଦ୍ଧା),୨୪।୯(ଡି.ଏନ.ଏ.):**

ଜାତିର ଜନକ ମାହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ପାଳନ ଉପଲକ୍ଷେ ମଙ୍ଗଳବାର ସ୍ଥାନୀୟ ସରକାରୀ ପ୍ରାଥମିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନରେ ଟାଙ୍ଗୀ ବ୍ଲକସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ଓ କ୍ଲଷ୍ଟରସ୍ତରରେ କୃତିତ୍ୱ ଅର୍ଜନ କରିଥିବା ୫୪ ଜଣ ପ୍ରତିଯୋଗୀ କୁଇଜ୍, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କନିଷ୍ଠ ବିଭାଗରେ ଗୋପୀନାଥପୁର ଉଚ୍ଚ ପ୍ରାଥମିକର ବିନୟ ପରିଡା, ବଡପାରୀ ନୋଡାଲ ହାଇସ୍କୁଲର ସୁନିତୀ ପାତାଳସିଂହ, କୁହୁଡି ଜନତା ହାଇସ୍କୁଲର ରଜତ ବେହେରା, ବରିଷ୍ଠ ବିଭାଗରେ ବାଲିପାଟପୁର ରିଫ୍ୟୁଜୀ ହାଇସ୍କୁଲର ଆକାଶ ସ୍ୱାଇଁ, ଟାଙ୍କୋଳ ହାଇସ୍କୁଲର ସୁମିତ୍ରା ମୁଦୁଲି, ବଡପାରୀ ନୋଡାଲ ହାଇସ୍କୁଲର ଶ୍ରଦ୍ଧାଞ୍ଜଳି ସାହୁ ପ୍ରଥମ ସ୍ଥାନ ଅଧିକାର କରି ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେବାକୁ ଯୋଗ୍ୟତା ହାସଲ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଅବଧୂତ ଚମ୍ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଶିକ୍ଷା ପ୍ରତିଷ୍ଠାନର ପ୍ରଶିକ୍ଷକ ଉଦୟନାଥ ସ୍ୱାଇଁ, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ବିଶ୍ୱାଳ, ଦେବଦତ୍ତ ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମହେଶ୍ୱର ପ୍ରଧାନ ଅତିଥି ରୂପେ ଯୋଗଦେଇଥିଲେ । ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବ ଗୋଷ୍ଠୀ ଶିକ୍ଷାଧିକାରୀ ସୁରେନ୍ଦ୍ର କୁମାର ମଙ୍ଗରାଜ ଅଧ୍ୟକ୍ଷତା କରିଥିଲେ। ବଳରାମଦେବ ବିଦ୍ୟାପୀଠ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ଷଡଙ୍ଗୀ ଅତିଥି ରୂପେ ଯୋଗଦେଇଥିଲେ। ଶିକ୍ଷକ ପ୍ରଶନ୍ନ ଶ୍ରୀଚନ୍ଦନ ଅତିଥି ପରିଚୟ ଓ ସିଆରସିସି ଲଳିତ ନାରାୟଣ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ମହିଳା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ଜଟଣୀ, ୨୪।୯(ଡି.ଏନ.ଏ.):**

ଜଟଣୀ କଲେଜରେ ଚାଲିଥିବା ମହିଳା ଆତ୍ମରକ୍ଷା ତାଲିମ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। କଲେଜର ଯୁବ ରେଡ୍‌କ୍ରସ ଓ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ୧୨ ତାରିଖରୁ ଏହି ଶିବିର ଆରମ୍ଭ ହୋଇଥିଲା। ଏଥିରେ ବିଭିନ୍ନ ବିଭାଗର ୧୨୦ ଜଣ ଛାତ୍ରୀଙ୍କୁ ପ୍ରଶିକ୍ଷିକା ଆସ୍ମା ବେଗମ୍ ପ୍ରଶିକ୍ଷଣ ଦେଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷ ପ୍ରଫେସର କିଶୋର ଚନ୍ଦ୍ର ମିଶ୍ର ଉପସ୍ଥିତ ରହିଥିଲେ। ଶିବିର ନିର୍ଦ୍ଦେଶିକା ତଥା ଅଧ୍ୟାପିକା କଳ୍ପନା ସାହୁ, କାର୍ଯ୍ୟକ୍ରମ ଅଧିକାରୀ ପ୍ରତାପ କୁମାର ଦତ୍ତ, ଅଧ୍ୟାପିକା ପରିମିତା ପ୍ରହରାଜ, ଡ. ପ୍ରଶାନ୍ତ କୁମାର ପାଣିଗ୍ରାହୀ, ଡ. ତପନ ମିଶ୍ର, ପ୍ରତାପ କୁମାର ମହାପାତ୍ର, ରବୀନ୍ଦ୍ର ନାଥ ଦାସ, ଅମୂଲ୍ୟ କୁମାର ବେହେରା ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।




ତାଲିମ ଶିବିରରେ ପ୍ରଶିକ୍ଷଣ ନେଇଥିବା ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଉଛି।

## ୪ ବାଲି ବୋଝେଇ ଟ୍ରକ୍ ଜବତ

**ଖୋର୍ଦ୍ଧା ଅଫିସ,୨୪।୯**

ଖୋର୍ଦ୍ଧା ସହରରୁ ଖୋର୍ଦ୍ଧା ପୋଲିସର ସତନ୍ତ୍ର ସ୍କ୍ୱାଡ ବେଆଇନ ଭାବେ ଚାଲାଣ ହେଉଥିବା ୪ ବାଲି ବୋଝେଇ ଟ୍ରକ୍‌କୁ ମଙ୍ଗଳବାର ଜବତ କରିଛି। ବୁଧବାର ପୋଲିସ ଜବତ ଟ୍ରକ୍‌ଗୁଡିକୁ ତହସିଲକୁ ହସ୍ତାନ୍ତର କରିବ ବୋଲି ଜଣାପଡିଛି।

# ତୁହାକୁ ତୁହା ବର୍ଷାକୁ ବିଦ୍ୟୁତ୍ କାଟ




ଖୋର୍ଦ୍ଧା ପୁରାଣା ମେଡିକାଲ ରୋଡରେ ବର୍ଷା ପାଣିର ଲହଡି।

**ଖୋର୍ଦ୍ଧା ଅଫିସ,୨୪।୯:**

ଖୋର୍ଦ୍ଧାରେ ତୁହାକୁ ତୁହା ବର୍ଷା ଲାଗି ରହିଥିବାବେଳେ ଗ୍ରାମାଞ୍ଚଳରେ ଘନଘନ ବିଦ୍ୟୁତ୍ କାଟ୍ ଲୋକଙ୍କୁ ବ୍ୟତିବ୍ୟସ୍ତ କରି ପକାଇଛି। ବର୍ଷା ଲାଗି ରହିଥିବାରୁ ଖୋର୍ଦ୍ଧା ସହରରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଡ୍ରେନଗୁଡିକ ଅବର୍ଜନାରେ ଭରି ରହିଥିବାରୁ ସେଥିରେ ପାଣି ଯାଉନାହିଁ। ଫଳରେ ଅନେକ ରାସ୍ତା ଉପରେ ନର୍ଦ୍ଦମା ଜଳ ପ୍ରବାହିତ ହେଉଛି। ପୁରୁଣା ମେଡିକାଲ ରୋଡରେ ପାଣି ଚାଲିଛି। ଏଥିସହ ସହରର ବିଭିନ୍ନ ରାସ୍ତା ଉପରେ ବର୍ଷା ପାଣି ମଧ୍ୟ ଜମି ରହିଛି। ଏଭଳି ବର୍ଷା ଲାଗି ରହିଲେ ଅନେକ ଲୋକଙ୍କ ଘରେ ପାଣି ପଶିବା ସମ୍ଭାବନା ଦେଖାଦେଇଛି। ହେଲେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ।

## ରେଲୱେ ମେଡିକାଲ ପକ୍ଷରୁ ରକ୍ତଦାନ ଶିବିର

**ଜଟଣୀ,୨୪।୯(ଡି.ଏନ.ଏ.):**

ଜଟଣୀସ୍ଥିତ ରେଲୱେ ମେଡିକାଲ ପକ୍ଷରୁ ମଙ୍ଗଳବାର ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ମେଡିକାଲ ମଧ୍ୟରେ ଅନୁଷ୍ଠିତ ଶିବିରରେ ୫୯ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ରେଲୱେ କର୍ମଚାରୀ, ଆର୍‌ପିଏଫ୍ ଯବାନ ଓ ଖୋର୍ଦ୍ଧାରୋଡ ରେଲୱେ ମହିଳା କଲ୍ୟାଣ ସଙ୍ଗଠନର ସଦସ୍ୟାମାନେ ରକ୍ତଦାନ କରିଥିଲେ। ଚିଫ୍ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଗୋପାଳ ଚନ୍ଦ୍ର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ଡିଭିଜନର ଡିଆର୍‌ଏମ୍ ଶଶିକାନ୍ତ ସିଂ ଓ ଖୋର୍ଦ୍ଧାରୋଡ ମହିଳା କଲ୍ୟାଣ ସଙ୍ଗଠନର ସଭାନେତ୍ରୀ ପୂର୍ଣ୍ଣିମା ସିଂ ଉଦ୍‌ଘାଟନ କରିଥିଲେ। ଏଥିରେ ଡିଭିଜନର ଏଡିଆର୍‌ଏମ୍ ରାଜ କୁମାର ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଖୋର୍ଦ୍ଧା ରକ୍ତ ଭଣ୍ଡାରର ଡାକ୍ତର ଓ କର୍ମଚାରୀମାନଙ୍କ ଦ୍ୱାରା ରକ୍ତ ସଂଗ୍ରହ କରାଯାଇଥିଲା।

# ସ୍ଥାଣୁ ଅବସ୍ଥାରେ ଟାଙ୍ଗୀ ତହସିଲ କାର୍ଯ୍ୟାଳୟ

**ଟାଙ୍ଗୀ (ଖୋର୍ଦ୍ଧା), ୨୪।୯ (ଡି.ଏନ.ଏ.)**

ଖୋର୍ଦ୍ଧା ଜିଲାର ଟାଙ୍ଗୀ ତହସିଲ କାର୍ଯ୍ୟାଳୟ ସ୍ଥାଣୁ ଅବସ୍ଥାକୁ ଆସିଯାଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ସାଧାରଣ ଲୋକଙ୍କୁ ବିଭିନ୍ନ ଜମିଜମାର କାର୍ଯ୍ୟ ସୁବିଧାରେ ଯୋଗାଇଦେବାକୁ ରାଜ୍ୟ ସରକାର ପ୍ରତ୍ୟେକ ବ୍ଲକ୍‌ରେ ତହସିଲ କାର୍ଯ୍ୟାଳୟ ସ୍ଥାପନ କରିଛନ୍ତି। ଜଣେ ଲୋକ ଏକସଙ୍ଗେ ବ୍ଲକ୍ ଓ ତହସିଲରେ ସ୍ୱଳ୍ପ ସମୟ ମଧ୍ୟରେ କାର୍ଯ୍ୟ ହାସଲ କରିପାରିବେ ବୋଲି ସରକାରଙ୍କ ତରଫରୁ ଦର୍ଶାଯାଇଥିଲା। ହେଲେ ଟାଙ୍ଗୀ ତହସିଲରେ ଏହା ପ୍ରତିଫଳିତ ହେଉ ନ ଥିବା ଦେଖାଯାଉଛି। ଜମିଜମାର ବିଭିନ୍ନ କାର୍ଯ୍ୟ ଓ ଛାତ୍ରୀଛାତ୍ରଙ୍କ ଆୟ, ଜାତି ଓ ବାସସ୍ଥାନ ପ୍ରମାଣ ଇତ୍ୟାଦି ନିର୍ଦ୍ଧାରିତ ସମୟରେ ମିଳିପାରିବ ବୋଲି ତହସିଲ କାର୍ଯ୍ୟାଳୟ କାନ୍ଥରେ ଲିପିବଦ୍ଧ ହୋଇଥିଲେ ବି କାର୍ଯ୍ୟକାରୀ ହୋଇପାରୁ ନାହିଁ। ଜମିଜମା ସଂକ୍ରାନ୍ତୀୟ ଦାଖଲ ଖାରଜ ମାମଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆବେଦନ କରିବାର ୪୫ ଦିନ ମଧ୍ୟରେ ଏହି ମାମଲା ଫଇସଲା କରାଯାଇ ଆବେଦନକାରୀଙ୍କୁ ପଟ୍ଟା ଦେବା କଥା। ଏଥିପାଇଁ ସେମାନେ ତହସିଲ କାର୍ଯ୍ୟାଳୟକୁ ଆସି ନୟାନ୍ତ ହେଉଥିବା ଦେଖାଯାଉଛି। ତହସିଲଦାର ସୁନାସିର କିଷାନଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ସେ କହିଥିଲେ, ସ୍ୱଳ୍ପ ଦିନ ମଧ୍ୟରେ ଅବସରଗ୍ରହଣ କରିବାକୁ ଥିବାରୁ ଅଧସ୍ତନ କର୍ମଚାରୀମାନେ କୌଣସି ନିର୍ଦ୍ଦେଶକୁ ଗୁରୁତ୍ୱ ଦେଉନାହାନ୍ତି। ଫଳରେ ଦାଖଲ ଖାରଜ ମାମଲାରେ ଏହିପରି ଅଚଳାବସ୍ଥା ସୃଷ୍ଟି ହୋଇଛି।

ସତ୍ୟ ହେଉଛି ଏକ କଣ୍ଟକିତ ବାଟ। ଏହି ବାଟରେ ଗଲେ ଲହୁଲୁହାଣ ହେବାକୁ ପଡ଼ିପାରେ। କିନ୍ତୁ ଏହା ହେଉଛି ସିଧା ବାଟ।
- ମହାତ୍ମା ଗାନ୍ଧୀ

## ସଂକ୍ଷେପରେ

### ଶାରଦ ଧାନ ଫସଲରେ ଲେଡ଼ା ପୋକ ଉପଦ୍ରବ

**କଣାସ,୨୪।୯(ସ୍ୱ.ପ୍ର.):** ପୁରୀ ଜିଲାର କଣାସ ବ୍ଲକରେ ୮୦ଭାଗ ଲୋକ ଧାନଚାଷ ଉପରେ ନିର୍ଭର କରିଥାନ୍ତି। କିନ୍ତୁ ଏଠାରେ କ୍ରମାଗତ ଭାବେ ବନ୍ୟା, ମରୁଡି, ବାତ୍ୟା ହେଉଥିବାରୁ କଣାସ ଅଞ୍ଚଳର ଚାଷୀମାନଙ୍କର ଦୀର୍ଘ ଦିନହେଲା ଧାନଫସଲ ନଷ୍ଟ ହୋଇଆସୁଛି। ଚଳିତ ବର୍ଷ ଫନୀ ବାତ୍ୟା ଯୋଗୁ ବୁଣ ଓ ରୁଆ ଧାନ ଫସଲ ହରାଇବା ପରେ ଚାଷୀମାନେ ପୁନଶ୍ଚ ଶାରଦ ଧାନ ଫସଲ କରିଥିଲେ। ଧାନଗଛଗୁଡିକ ହୃଷ୍ଟପୁଷ୍ଟ ହୋଇ ବଢି ଆସୁଥିବାବେଳେ ପ୍ରତ୍ୟେକ ଜମିରେ ଲେଡାପୋକ ଉପଦ୍ରବ ହେଉଥିବା ଦେଖାଯାଇଛି। ଫଳରେ ଧାନଗଛ ସବୁ ଧୀରେ ଧୀରେ ସଢ଼ି ଯାଉଥିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ଏ ନେଇ ଅନେକ ଚାଷୀ କଣାସ ବ୍ଲକ କୃଷି ଅଧିକାରୀଙ୍କ ନିକଟରେ ଲେଡ଼ା ପୋକ ଦମନ ପାଇଁ ଔଷଧ ଦେବା ଲାଗି ନିବେଦନ କରି ଆସୁଛନ୍ତି। ଚାଷୀମାନଙ୍କୁ ସବ୍‌ସିଡି ଦରରେ ଔଷଧ ଦେବାର ବ୍ୟବସ୍ଥା ଥିବାବେଳେ ସବ୍‌ସିଡି ଔଷଧ ଆସି ନ ଥିବାରୁ ଚାଷୀମାନେ ପ୍ରତିଦିନ କୃଷି କାର୍ଯ୍ୟାଳୟକୁ ଦୌଡୁଥିଲେ ମଧ ନ ପାଇ ନିରାଶ ହେଉଛନ୍ତି। ତୁରନ୍ତ ଲୋଡାପୋକ ଦମନ ପାଇଁ ସବ୍‌ସିଡି ଔଷଧ ଯୋଗାଇଦେବାକୁ ଚାଷୀମାନଙ୍କ ପକ୍ଷରୁ ଦାବି ହେଉଛି।

### ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ

**ପୁରୀ ଅଫିସ, ୨୪।୯:** ପୁରୀ ସଦର ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ପୁରୀ ଜିଲା ସ୍କୁଲ ପରିସରରେ ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ମଣ୍ଡଳ ଶିକ୍ଷାଧିକାରୀ ମମତା ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ବିଶ୍ୱଜିତ ଘୋଷ, ଶିକ୍ଷାବିତ୍ କାଳୀ ପ୍ରସାଦ ପୃଷ୍ଟି, ପୂର୍ଣ୍ଣଚନ୍ଦ୍ର ସାହୁ, ବିଜୟ କୁମାର ପଣ୍ଡା, କେଦାରନାଥ ଷଡ଼ଙ୍ଗୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ମତ ପ୍ରକାଶ ପାଇଥିଲା। ଉତ୍ସବରେ ବିଭିନ୍ନ ବିଦ୍ୟାଳୟରୁ ୩୫୦ରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ବିଶ୍ୱମ୍ଭର ବିଦ୍ୟାପୀଠ ପ୍ରଧାନଶିକ୍ଷକ ସୁଶୀଲ କୁମାର ବ୍ରହ୍ମା, ଜିଲା ସ୍କୁଲ ପ୍ରଧାନଶିକ୍ଷୟତ୍ରୀ ଜ୍ୟୋତିର୍ମୟୀ ମିଶ୍ର, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ନମିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ବନ୍ଧୁକ ଦେଖାଇ ସୁନା ଅଳଙ୍କାର, ଟଙ୍କା ଲୁଟ୍

**ନିମାପଡ଼ା, ୨୪।୯(ଡି.ଏନ୍.ଏ.):** ନିମାପଡ଼ା ଥାନା ପୋରକଣା ଗ୍ରାମର ଅରୁପ ସାହୁଙ୍କ ଘରୁ ମଙ୍ଗଳବାର ଲୁଟ୍ ହୋଇଛି। ଅଭିଯୋଗ ଅନୁଯାୟୀ, ୩ଜଣ ଦୁର୍ବୃତ୍ତ ଘରେ ପଶି ତାଙ୍କ ଭାଉଜ ସୁପ୍ରିୟା ସାହୁ, ମା'ଗଭାଶ୍ରୀ ସାହୁ ଓ ଛୋଟ ଝିଅକୁ ବନ୍ଧୁକ ଦେଖାଇ ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିଲେ। ଦୁର୍ବୃତ୍ତମାନେ ସୁପ୍ରିୟା ପିନ୍ଧିଥିବା ସୁନା ଅଳଙ୍କାର ନେଇଯିବା ସହ ଆଲମାରିରୁ ଟଙ୍କା ଓ ଅଳଙ୍କାର ନେଇ ଫେରାର ହୋଇଯାଇଥିଲେ। ନିମାପଡ଼ା ଥାନା ଅଧିକାରୀ ଜନାର୍ଦ୍ଦନ ପାଢୀ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଏନେଇ ୨୪୦/୧୯ରେ ଏକ ମାମଲା ରୁଜୁ ହୋଇଛି।

### ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

**ପୁରୀ ଅଫିସ, ୨୪।୯:** ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ୧୦ ଦଫା ଦାବିରେ ମଙ୍ଗଳବାର ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ବାତ୍ୟା କ୍ଷତିଗ୍ରସ୍ତ ସମସ୍ତ ନିର୍ମାଣ ଶ୍ରମିକଙ୍କୁ ଘର ଯୋଗାଣ, ଶ୍ରମିକ ବିରୋଧୀ ରୁଲ୍ ସଂଶୋଧନ ବାତିଲ, ନିର୍ମାଣ ଶ୍ରମିକ ପଞ୍ଜୀକରଣ ପ୍ରମୁଖ ଦାବିରେ ବହୁ ସଂଖ୍ୟାରେ ମହିଳା ପୁରୁଷ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆୟୋଜିତ ପ୍ରତିବାଦ ସଭାରେ ସଂଘ ଜିଲା ସଭାପତି ବିଦ୍ୟୁତଲତା ପୃଷ୍ଟି, ଜିଲା ସମ୍ପାଦକ ବ୍ରଜବନ୍ଧୁ ପ୍ରଧାନ, ଗୋଲେଖ ଚନ୍ଦ୍ର ନାୟକ, ସୁରେଶ ଚନ୍ଦ୍ର ବିଶ୍ୱାଳ, ପ୍ରଦୀପ୍ତ ମହାନ୍ତି, ହରିହର ସେନାପତି, ବନମାଳୀ ସାହୁ ପ୍ରମୁଖ ଶ୍ରମିକ ନେତା ୧୦ ଦଫା ଦାବି ପୂରଣ ପାଇଁ ଦାବି କରିଥିଲେ।


ପୁରୀ ବାଙ୍କୀ ମୁହାଣ ରାମଚଣ୍ଡୀଙ୍କ ଭୁବନେଶ୍ୱରୀ ବେଶ।


ବ୍ରହ୍ମଗିରି ମା' ବାଲି ହରଚଣ୍ଡୀଙ୍କ ଭଗବତୀ ବେଶ।


ବାସେଳିସାହି ମା' ମଙ୍ଗଳାଙ୍କ ତ୍ରିପୁର ସୁନ୍ଦରୀ ବେଶ।


ବାସେଳିସାହି ମା' ବାସେଳିଙ୍କ ବଗଳା ବେଶ।

## ■ ସିଦ୍ଧ ମହାବୀର ଫ୍ଲାଏ ଓଭରବ୍ରିଜ ପ୍ରସଙ୍ଗ

# ଗଡ଼କରୀଙ୍କୁ ୧ଲକ୍ଷ ଦସ୍ତଖତ ସମ୍ବଳିତ ଦାବିପତ୍ର

**ପୁରୀ ଅଫିସ, ୨୪।୯**

■ କାର୍ଯ୍ୟ ତ୍ୱରାନ୍ୱିତ କରିବା ନେଇ ପ୍ରତିଶ୍ରୁତି ଦେଲେ କେନ୍ଦ୍ରମନ୍ତ୍ରୀ

■ ୮୨ଦିନରେ ୧୭ଶହ କିମି ଅତିକ୍ରମ କଲେ ଜ୍ୟୋତି

ପୁରୀବାସୀଙ୍କ ବହୁ ପ୍ରତୀକ୍ଷିତ ସିଦ୍ଧମହାବୀର ରେଳ ଓଭରବ୍ରିଜ ପ୍ରସଙ୍ଗରେ ମଙ୍ଗଳବାର କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ୧ଲକ୍ଷ ଲୋକଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଜନ ଜାଗରଣ ମଞ୍ଚ ଆବାହକ ଯୁବ ସଙ୍ଗଠକ ଜ୍ୟୋତିରଞ୍ଜନ ନାୟକ ଏହି ଦାବିପତ୍ର କେନ୍ଦ୍ରମନ୍ତ୍ରୀ ଗଡକରୀଙ୍କୁ ପ୍ରଦାନ କରିଥିଲେ। ଏହି ସମୟରେ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ଉପସ୍ଥିତ ଥିଲେ। ଓଭର ବ୍ରିଜ ନିର୍ମାଣ ଲାଗି ଜ୍ୟୋତି ଶ୍ରୀକ୍ଷେତ୍ରରୁ ପଦଯାତ୍ରାରେ ବାହାରି ୮୨ ଦିନରେ ୧୭ଶହ କିମି ଅତିକ୍ରମ ଦିଲ୍ଲୀରେ ପହଞ୍ଚିଥିବା ଜାଣିବା ପରେ ଗଡକରୀ ଏବଂ ସମ୍ବିତ୍ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଦାବିପତ୍ର ପ୍ରଦାନ ବେଳେ ମଞ୍ଚର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଓଭରବ୍ରିଜ ନିର୍ମାଣ ନେଇ ରାଜ୍ୟ ସରକାରଙ୍କ ସହ ଆଲୋଚନା କରାଯାଇ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ। ବିସ୍ଥାପିତ ପରିବାରଙ୍କୁ ମଧ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ନିର୍ଭର ପ୍ରତିଶ୍ରୁତି ଦେଇଥିବା ଜ୍ୟୋତି ଧରିତ୍ରୀକୁ କହିଛନ୍ତି।

ପୁରୀ-କୋଣାର୍କକୁ ସଂଯୋଗ କରୁଥିବା ଏହି ରାସ୍ତା ଦେଇ ରେଳ ଧାରଣା ଯାଇଥିବା ଯୋଗୁ ସହରବାସୀ ଓ ପର୍ଯ୍ୟଟକ ଦୀର୍ଘ ବର୍ଷ ଧରି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତି ୧୦ମିନିଟ୍‌ରେ ଥରେ ଫାଟକ ପଡୁଥିବାରୁ ଗୁରୁତର ରୋଗୀଙ୍କୁ ନେଇ ଆସୁଥିବା ଆମ୍ବୁଲାନ୍ସ ମଧ ଟ୍ରାଫିକ ଜାମ ମଧରେ ଫସି ରହିବା ନଜିର ରହିଛି। ଜ୍ୟୋତି କୁହନ୍ତି ପିଲାବେଳେ ଏହି ରେଳ ଫାଟକ ବନ୍ଦ ଯୋଗୁ ମୋ ବାପା ଏବଂ ଭଉଣୀଙ୍କୁ ହରାଇଛି। ବଡ ହେଲେ, ଫ୍ଲାଏ ଓଭରବ୍ରିଜ ନିର୍ମାଣ ଲାଗି ସଂଘର୍ଷ କରିବାକୁ ସଂକଳ୍ପ କରିଥିଲି। ଜିଲା ପ୍ରଶାସନଠାରୁ ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ବାରମ୍ବାର ଦାବିପତ୍ର ଦେବା ସତ୍ତ୍ୱେ କୌଣସି ସୁଫଳ ମିଳି ନ ଥିଲା। ଏଣୁ ଲୋକଙ୍କଠାରୁ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କୁ ପ୍ରଦାନ ଲାଗି ସ୍ଥିର କରିଥିଲୁ। ଗତ ଫେବୃୟାରୀ ୧୦ରେ ଏଥିପାଇଁ ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଥିଲା। ଜନ ଜାଗରଣ ମଞ୍ଚର ଏକାଧିକ କର୍ମୀ ସକାଳ ୮ଟା ଠାରୁ ରାତି ୮ଟା ପର୍ଯ୍ୟନ୍ତ ରେଳ ଧାରଣାର ଉଭୟ ପାର୍ଶ୍ୱରେ ଠିଆ ହୋଇ ଲୋକଙ୍କ ମତାମତ ସଂଗ୍ରହ କରିଥିଲେ। ଜୁନ ୨୦ତାରିଖରେ ଏହି ଅଭିଯାନ ବନ୍ଦ କରାଯାଇଥିଲା। ସେତେବେଳକୁ ପ୍ରାୟ ୧ଲକ୍ଷ ଦସ୍ତଖତ ସଂଗ୍ରହ ହୋଇଥିଲା। ଜୁନ ୨୫ତାରିଖରେ ସିଂହଦ୍ୱାର ନିକଟରେ ମହାପ୍ରଭୁଙ୍କ ଦର୍ଶନ କରି ତାଙ୍କ ଠାରୁ ଆଜ୍ଞା ନେଇ ଦିଲ୍ଲୀ ପଦଯାତ୍ରାରେ ବାହାରିଥିଲେ ଜ୍ୟୋତି। ପ୍ରଧାନମନ୍ତ୍ରୀ ବିଦେଶ ଗସ୍ତରରେ ଥିବାରୁ ଗଡକରୀଙ୍କୁ ଦାବିପତ୍ର ପ୍ରଦନ କରିଥିଲେ।


କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ୧ ଲକ୍ଷ ଦସ୍ତଖତ ସମ୍ବଳିତ ଦାବିପତ୍ର ଦିଆଯାଉଛି।

## ମଧାହ୍ନଭୋଜନ ବଦଳରେ ଦିଆଗଲା ବିସ୍କୁଟ

# ପ୍ରଧାନଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ

**ଗୋପ,୨୪।୯(ଡି.ଏନ.ଏ.)**

ସୋରଭା ପଞ୍ଚାୟତ ଅଧୀନ ନାରାୟଣୀ ପ୍ରାଥମିକ ବିଦ୍ୟାଳୟରେ ଗତ ୧୭ ତାରିଖରେ ମଧାହ୍ନଭୋଜନ ରୋଷେଇ କରା ନ ଯାଇ ଛାତ୍ରୀଛାତ୍ରଙ୍କୁ ବିସ୍କୁଟ୍ ଦିଆଯାଇଥିଲା। ଏ ନେଇ ଗ୍ରାମବାସୀ ବ୍ଲକ୍ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ପତ୍ରସଂଖ୍ୟା ନଂ ୧୫୧୦ ତା ୧୯.୦୯.୨୦୧୯ ରେ କୈଫିୟତ ତଲବ କରିଥିଲେ। ମାତ୍ର ବିଦ୍ୟାଳୟରେ ଜାଳେଣି କାଠ ନ ଥିବାରୁ ଓ ବର୍ଷା ହେଉଥିବା ଯୋଗୁ ରୋଷେଇ ହୋଇପାରି ନ ଥିବା ପ୍ରଧାଶିକ୍ଷକ ଜଣାଇଥିଲେ। ତେବେ ଗ୍ରାମର କେତେକ ଲୋକେ ଆକ୍ରୋଶମୂଳକ ଓ ରାଜନୈତିକ ଉଦ୍ଦେଶ୍ୟ ରଖି ବିବାଦୀୟ ପରିସ୍ଥିତି ସୃଷ୍ଟି କରୁଥିବା ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ ନିରୁପମା ସ୍ୱାଇଁ, ୱାର୍ଡସଭ୍ୟା ଅନ୍ନପୂର୍ଣ୍ଣା ନାୟକ ଓ ପରିଚାଳନା କମିଟିର କେତେକ ସଭ୍ୟ ସଭ୍ୟା ଓ ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏଥିସହ ଏହାର ଠିକ୍ ଭାବେ ତଦନ୍ତ କରାଯିବାକୁ ଦାବି କରିଛନ୍ତି।

## ■ ଭକ୍ତଙ୍କ ପାଇଁ ହେବ ଅଧିକ ସୁବିଧା ସୁଯୋଗ

# ପରିକ୍ରମା ମାର୍ଗରୁ ଅବରୋଧ ହଟିବ

**ପୁରୀ ଅଫିସ, ୨୪।୯:** ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁଙ୍କୁ ଅଧିକ ସୁବିଧା ପ୍ରଦାନ ପାଇଁ ଜିଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରିଛି। ଶୌଚାଳୟ, ପାନୀୟଜଳ ସାଙ୍ଗକୁ ଅଧିକ ସଂଖ୍ୟକ ଜୋତା ଏବଂ ମୋବାଇଲ ଷ୍ଟାଣ୍ଡ କରାଯିବ। ଖରା ଦାଉରୁ ରକ୍ଷା ପାଇବା ପାଇଁ ପାଦଚଲା ପଥରେ ଜୋତା ଷ୍ଟାଣ୍ଡଠାରୁ କାରପେଟ୍ ବିଛାଯିବ। ଏ ନେଇ ମଙ୍ଗଳବାର ଜିଲାପାଳ ବଲୱନ୍ତ ସିଂଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏହି ସର୍ବନିମ୍ନ ସୁବିଧା ପାଇଁ କାମ ଆରମ୍ଭ କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରିକ୍ରମା ମାର୍ଗରୁ ଅବରୋଧ ହଟାଯିବ। ନିର୍ଦ୍ଦିଷ୍ଟ ଗାଡ଼ି ବ୍ୟତୀତ ଅନ୍ୟ ଦୁଇଚକିଆ ଗାଡ଼ିଗୁଡ଼ିକୁ ବ୍ୟାରିକେଡିଂ ମଧକୁ ଛଡାଯିବ ନାହିଁ। ଘୋଷଣା ପାଇଁ ମନ୍ଦିର ଚତୁଃପାର୍ଶ୍ୱରେ ଡାକବାଜି ଯନ୍ତ୍ରର ବ୍ୟବସ୍ଥା ହେବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସକାଳ ୬ଟାରୁ ୭ଟା ପର୍ଯ୍ୟନ୍ତ ଏବଂ ସନ୍ଧ୍ୟା ୫ଟାରୁ୭ଟା ପର୍ଯ୍ୟନ୍ତ ଜଗନ୍ନାଥ ଭଜନ ପରିବେଷଣ କରାଯିବାକୁ ନିଷ୍ପତ୍ତି ହୋଇଛି। କାର୍ତ୍ତିକ ବ୍ରତକୁ ଦୃଷ୍ଟିରେ ରଖି ଭକ୍ତମାନଙ୍କ ସୁବିଧା ପାଇଁ ବୁଲା ଗାଇଗୋରୁଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବ। ବୈଠକରେ ଏସ୍‌ପି ଉମାଶଙ୍କର ଦାଶ, ଉପଜିଲାପାଳ ଭବତାରଣ ସାହୁ, ନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



କର୍ମଶାଳାରେ ମଞ୍ଚାସୀନ ଅତିଥି।

# ପରିବହନ ସଂଘର ପୂର୍ବାଞ୍ଚଳସ୍ତରୀୟ କର୍ମଶାଳା

**ପୁରୀ ଅଫିସ, ୨୪।୯**

ଭାରତୀୟ ଟ୍ରେଡ ୟୁନିୟନ ପକ୍ଷରୁ ପୁରୀଠାରେ ଚାଲିଥିବା ପୂର୍ବାଞ୍ଚଳସ୍ତରୀୟ ପରିବହନ ଫେଡେରେଶନ୍ ବୈଠକରେ କେନ୍ଦ୍ର ସରକାରଙ୍କ ସଂଶୋଧିତ ମୋଟର ଯାନ ଆଇନକୁ ବିରୋଧ କରାଯାଇଛି। ଏହି ଆଇନ ବିରୋଧରେ ଗୌହାଟୀରୁ ଭୁବନେଶ୍ୱର ପର୍ଯ୍ୟନ୍ତ ପ୍ରଚାର କରାଯିବାକୁ କର୍ମଶାଳାରେ ସ୍ଥିର ହୋଇଛି। ଏହି ଅଭିଯାନ ଆସାମରୁ ଆରମ୍ଭ ହୋଇ ତ୍ରିପୁରା, ପଶ୍ଚିମବଙ୍ଗ, ବିହାର, ଝାଡଖଣ୍ଡ ଦେଇ ଓଡ଼ିଶାରେ ସମାପ୍ତି ହେବ। କୋଇଲା ଶିଳ୍ପର ଘରୋଇକରଣ ନିଷ୍ପତ୍ତିକୁ ସଂଘ ତୀବ୍ର ନିନ୍ଦା କରିଛି। ଦେଶରେ ଗତ କିଛି ଦିନ ଧରି ଚାଲିଥିବା ଆର୍ଥିକ ମାନ୍ଦାବସ୍ଥା ଲାଗି ମୋଦି ସରକାରଙ୍କୁ ଦାୟୀ କରିଛନ୍ତି। ମୋଦିଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଏବଂ ଶିଳ୍ପପତି ତୁଷ୍ଟୀକରଣ ଯୋଗୁ ଦେଶର ଆର୍ଥିକ ସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି। ସରକାର ସରକାରୀ ସମ୍ପତ୍ତିର ଘରୋଇକରଣ ବନ୍ଦ ନ କଲେ ଏହାର ପ୍ରତିବାଦରେ ପରିବହନ ଶ୍ରମିକ ସଂଘ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବ ବୋଲି ଚେତାବନୀ ଦେଇଛନ୍ତି। ଏହି ବୈଠକରେ ସିଟୁର ସର୍ବ ଭାରତୀୟ ସାଧାରଣ ସମ୍ପାଦକ କେ.ତପନ ସେନ୍, ପରିବହନ ସଂଘ ସାଧାରଣ ସମ୍ପାଦକ କେ.କେ.ଦିବାକରନ୍, ପଶ୍ଚିମବଙ୍ଗ ପୂର୍ବତନ ଏମ୍‌ପି ନେପାଳଦେବ ଭଟ୍ଟାଚାର୍ଯ୍ୟ, ଗୌତମଲାଲ୍ ଗୋସ୍ୱାମୀ, ଓଡ଼ିଶା ରାଜ୍ୟ ସଭାପତି ଜନାର୍ଦ୍ଦନ ପତି ପ୍ରମୁଖ ମଞ୍ଚାସୀନ ଥିଲେ। ପରିଚାଳନାରେ ସିଟୁ ସମ୍ପାଦକ ଜଗନ୍ନାଥ ଦେଓ, ଉଲ୍ଲାସ ସ୍ୱାଇଁ, ଶରତ ରାୟଗୁରୁ, ପୀତବାସ ବେହେରା, ବିଭୂତି ରାଉତରାୟ, ସୁରେନ୍ଦ୍ର ଦଳବେହେରା, ସୂର୍ଯ୍ୟକାନ୍ତ ଜେନା, ମନୋରଞ୍ଜନ ମହାରଣା ପ୍ରମୁଖ ସହଯୋଗ କରିଥିଲେ।

### ଏନ୍‌ଏସି ପକ୍ଷରୁ ଜବରଦଖଲ ଉଚ୍ଛେଦ

**ନିମାପଡ଼ା,୨୪।୯(ଡି.ଏନ୍.ଏ.)**

ନିମାପଡ଼ା ଏନ୍‌ଏସି ପକ୍ଷରୁ ମଙ୍ଗଳବାର ଜବରଦଖଲ ଉଚ୍ଛେଦ କରାଯାଇଛି। ପୋଲିସ ବାହିନୀଙ୍କ ଉପସ୍ଥିତିରେ ଏନ୍‌ଏସି ଅନ୍ତର୍ଗତ ବ୍ଲକ ଛକ, ପୂର୍ତ୍ତବିଭାଗ ଛକ, ତହସିଲ ଅଫିସ ଛକ, ଥାନା ଛକ, ଡେଲଟା ଛକ, ଦୋଳବେଦୀ ଛକଠାରେ ଥିବା ଶତାଧିକ ଦୋକାନକୁ ଭଙ୍ଗାଯାଇଥିଲା। ବ୍ୟବସାୟୀଙ୍କ ଥଇଥାନ ବ୍ୟବସ୍ଥା ନ କରାଯାଇ ତାଙ୍କ ଦୋକାନ ଗୃହକୁ ଭାଙ୍ଗିଦେବା ଦୁର୍ଭାଗ୍ୟଜନକ ବୋଲି ଭାଜପା ମହିଳା ମୋର୍ଚ୍ଚାର ରାଜ୍ୟ ସଭାନେତ୍ରୀ ପ୍ରଭାତୀ ପରିଡା, ଭାଜପା ନେତା ଦିଲୀପ ପାତ୍ର, ମିନଲତା ମହାନ୍ତି, ମାନସ ପ୍ରଧାନ ପ୍ରମୁଖ କହିଛନ୍ତି। ଆସନ୍ତା ଦୁଇ ମାସ ମଧରେ ଏହି ବ୍ୟବସାୟୀଙ୍କୁ ଥଇଥାନ କରା ନ ଗଲେ ଭାଜପା ରାଜରାସ୍ତାକୁ ଓହ୍ଲାଇବ ବୋଲି ଭାଜପା ନେତ୍ରୀ ପରିଡା କହିଛନ୍ତି। ଉଚ୍ଛେଦ ବ୍ୟବସାୟୀଙ୍କୁ ତୁରନ୍ତ ଥଇଥାନ କରିବାକୁ ଶତାଧିକ ବ୍ୟବସାୟୀ ଜିଲାପାଳ, ବିଧାୟକ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କଠାରେ ଦାବି କରିଛନ୍ତି।

## ■ ନାବାଳିକାଙ୍କୁ ଅସଦାଚରଣ ମାମଲା

# ୮ସପ୍ତାହ ମଧରେ ରିପୋର୍ଟ ନେଇ ଏନ୍‌ଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

**ପୁରୀ ଅଫିସ, ୨୪।୯**

ଚନ୍ଦନପୁର ଥାନା ଅଧୀନ ଜଣେ ନାବାଳିକାଙ୍କୁ ଗତ ବର୍ଷ ହୋଇଥିବା ଅସଦାଚରଣ ଘଟଣାକୁ ଗୁରୁତର ସହିତ ନେଇଛନ୍ତି ଜାତୀୟ ମାନବାଧିକାର କମିଶନ। ଏହି ଘଟଣାରେ କି ପଦକ୍ଷେପ ଗ୍ରହଣ କରାଯାଇଛି, ତାହାର ସବିଶେଷ ରିପୋର୍ଟ ଦାଖଲ ଲାଗି ପୋଲିସ ମହାନିର୍ଦ୍ଦେଶକ, ପୁରୀ ଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କୁ ୮ସପ୍ତାହ ମଧରେ ରିପୋର୍ଟ ଦାଖଲ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ସମ୍ପୂର୍ଣ୍ଣ କେସ୍ ରିପୋର୍ଟ, ଅଭିଯୋଗର ନକଲ, ପୀଡିତାଙ୍କ ବୟାନ ରେକର୍ଡ, ପୀଡିତାଙ୍କ ଚିକିତ୍ସା ରିପୋର୍ଟ, ଏହି ମାମଲା ସହିତ ଜଡିତ ଥିବା ଅନ୍ୟାନ୍ୟ କାଗଜପତ୍ର ଦାଖଲ ଲାଗି ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ରାଜ୍ୟ ମାନବାଧିକାର କମିଶନଙ୍କୁ ଘଟଣା ସମ୍ପର୍କରେ ୪ସପ୍ତାହ ମଧରେ ଏକ ରିପୋର୍ଟ ପ୍ରଦାନ ଲାଗି ନିର୍ଦ୍ଦେଶ ଦେଇଛନ୍ତି।

୨୦୧୮ ଫେବୃୟାରୀରେ ଚନ୍ଦନପୁର ଥାନାର ଏକ ଗ୍ରାମରେ ଜଣେ ନାବାଳିକାଙ୍କୁ ସେହି ଗ୍ରାମର ଜଣେ ଯୁବକ ଅସଦାଚାରଣ କରିଥିଲେ। ପୀଡିତାଙ୍କ ପରିବାରର ଅଭିଯୋଗ କ୍ରମେ ଥାନାରେ ନଂ.୨୨/୧୮ରେ ଏକ ମାମଲା ରୁଜୁ ହୋଇଥିଲା। ପୋଲିସ ଗତ ଅଗଷ୍ଟ ୧୨ତାରିଖରେ ଗିରଫ କରିଥିଲା।

# ବ୍ଲକସ୍ତରୀୟ ପ୍ରତିଯୋଗିତା

**ସାକ୍ଷୀଗୋପାଳ,୨୪।୯(ଡି.ଏନ୍.ଏ)**

ମହାତ୍ମା ଗାନ୍ଧୀଙ୍କ ନୀତି ଓ ଆଦର୍ଶକୁ ଛାତ୍ରୀଛାତ୍ରଙ୍କ ମଧରେ ଉଦ୍‌ଜୀବିତ ରଖିବା ଉଦ୍ଦେଶ୍ୟରେ ସାକ୍ଷୀଗୋପାଳ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ମଙ୍ଗଳବାର ବ୍ଲକସ୍ତରୀୟ ଚିତ୍ରାଙ୍କନ, କୁଇଜ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୧୫୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସତ୍ୟବାଦୀ ବ୍ଲକ ଚେୟାରମ୍ୟାନ ସସ୍ମିତା ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ଜେନା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଅତିଥିଭାବେ ସହ ଶିକ୍ଷା ଅଧିକାରୀ ପ୍ରମୋଦା କୁମାରୀ ଦାସ, ଆର୍ତ୍ତତ୍ରାଣ ମିଶ୍ର, ତ୍ରିଲୋଚନ ପ୍ରଧାନ ଓ ପ୍ରଧାନ ଶିକ୍ଷୟିତ୍ରୀ ଗୀତାରାଣୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ୧୪ ଟି ସାଧନ କେନ୍ଦ୍ର ସଂଯୋଜକ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ସୁନନ୍ଦା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଗାନ୍ଧୀ ଜୟନ୍ତୀରେ ପୁରସ୍କୃତ କରାଯିବ।


ବ୍ଲକସ୍ତରୀୟ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ଓ ଅତିଥି।

### ଓଗାଳପୁରରେ ମାଙ୍କଡ଼ ଆତଙ୍କ: ଧରିପାରୁନି ବନ ବିଭାଗ

**ଗୋପ,୨୪।୯(ଡି.ଏନ୍.ଏ.):** ଓଗାଳପୁର ଗ୍ରାମରେ ଏକ ସପ୍ତାହ ଧରି ମାଙ୍କଡ଼ ଆତଙ୍କ ଲାଗି ରହିଛି। ଏ ନେଇ ଗ୍ରାମବାସୀ ପକ୍ଷରୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୋଣାର୍କ ବନ ବିଭାଗ ମାଙ୍କଡ଼କୁ କାବୁ କରିପାରୁ ନାହାନ୍ତି। ଫଳରେ ଗାଁ ଲୋକେ ମାଙ୍କଡ଼ ଭୟରେ ଘରୁ ବାହାରି ପାରୁ ନ ଥିବାବେଳେ ସ୍କୁଲ ଛାତ୍ରୀଛାତ୍ର ଓ କଲେଜ ପଢୁଆ ଯୁବକମାନେ ଯାଇପାରୁ ନ ଥିବା ଭଳି ଅଭିଯୋଗ ରହିଛି। ବନ ବିଭାଗ ଗତ ଦୁଇ ତିନିଦିନ ଧରି ମାଙ୍କଡ଼ଙ୍କୁ ଜଗି ରହିଥିବାବେଳେ ନାକେଦମ ହୋଇଥିବା ଦେଖିବାକୁ ମିଳିଛି। ମାଙ୍କଡ଼ କାମୁଡ଼ାରେ ଓଗାଳପୁର ଗ୍ରାମର କେଳୁଣି ସାହୁ, ବାସନ୍ତି ବେହେରା, ମୁଳି ମଲ୍ଲିକ୍‌ଙ୍କ ସମେତ ୫ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିବାର ଦେଖିବାକୁ ମିଳିଛି। କୋଣାର୍କ ବନଖଣ୍ଡ ଅଧିକାରୀ ଆଦିତ୍ୟ ନାରାୟଣ ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ୍ ମାଙ୍କଡ଼ଙ୍କୁ ଧରିବା ଲାଗି ଉଦ୍ୟମ ଜାରି ରଖିଛନ୍ତି।

## ■ ଉଚ୍ଛେଦ ବନ୍ଦ ହୋଇନି

# ଜମି ଅଧିଗ୍ରହଣ ପ୍ରକ୍ରିୟା ଜାରି ରହିଛି

**ପୁରୀ ଅଫିସ, ୨୪।୯**

ଶ୍ରୀମନ୍ଦିର ସୁରକ୍ଷା ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ଚାଲିଥିବା ଉଚ୍ଛେଦ ପ୍ରକ୍ରିୟା ଏବେ ବନ୍ଦ ରହିଛି। କିନ୍ତୁ ଏହାକୁନେଇ ନାନା ପ୍ରକାର ଆଲୋଚନା ଚାଲିଥିବା ବେଳେ ମଙ୍ଗଳବାର ଏହା ଉପରୁ ପର୍ଦ୍ଦା ହଟାଇଛନ୍ତି ଜିଲାପାଳ ବଲୱନ୍ତ ସିଂ। ସେ କହିଛନ୍ତି ଉଚ୍ଛେଦ ବନ୍ଦ ହୋଇନି, ୭୫ ମିଟର ଉଚ୍ଛେଦ ପୂର୍ବରୁ ଆଇନ ଅନୁଯାୟୀ ଜମି ଅଧିଗ୍ରହଣ ପ୍ରକ୍ରିୟା ଜାରି ରହିଛି। ରାଜ୍ୟ ସରକାରଙ୍କ ନିଷ୍ପତ୍ତି ପରେ ଅସୁରକ୍ଷିତ ନିର୍ମାଣ ଉଚ୍ଛେଦ କରାଯାଇଥିଲା। ଆଗକୁ ଯଦି ଆହୁରି ଅଧିକ ଅସୁରକ୍ଷିତ କୋଠା ବାହାରିବ ତେବେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ। ଅନ୍ୟପକ୍ଷରେ ୭୫ ମିଟର ସୁରକ୍ଷିତ ଅଞ୍ଚଳ ମଧରେ ଜମି ଅଧିଗ୍ରହଣ ଲାଗି ସରକାରଙ୍କୁ ରିପୋର୍ଟ ଦିଆଯାଇଛି। ଦିନେ ଦୁଇଦିନ ମଧରେ ସରକାର ଏଥିପାଇଁ ବିଜ୍ଞପ୍ତି ପ୍ରକାଶ କରିବା ପରେ କ୍ଷତିଗ୍ରସ୍ତମାନଙ୍କ ସହ ସିଧାସଳଖ ଆଲୋଚନା କରାଯିବ। ସେମାନଙ୍କୁ ପୁନର୍ବାସ ଓ ଥଇଥାନ କଲୋନୀ ଏବଂ ପ୍ଲଟ ସମ୍ପର୍କରେ ସ୍ପଷ୍ଟ ଭାବେ ବୁଝାଯିବ। ଏଥିପାଇଁ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍‌ରେ ଅଧିକାରୀମାନେ ବସି ସମସ୍ତ ଆପତ୍ତି ଅଭିଯୋଗ ଶୁଣିବେ। ପୁନର୍ବାସ ଥଇଥାନ ଏବଂ ପ୍ଲଟ୍ ପାଇଁ ଜାଗା ପ୍ରାୟ ସ୍ଥିର ହୋଇଯାଇଛି ବୋଲି ଜିଲାପାଳ କହିଛନ୍ତି। ସେହିପରି ଜଗନ୍ନାଥ ବଲ୍ଲଭକୁ ଯେଉଁ ଶ୍ରୀସେତୁ ସଂଯୋଗ ହେବ ସୁଜାତାନଗରରୁ ଏହାର ଦୈର୍ଘ୍ୟ ରହିଛି ୧.୫ କିମି। ଏହି ଜମିର ପ୍ଲଟିଂ ଫାଇନାଲ ହୋଇଯାଇଛି। ଦିନେ ଦୁଇଦିନ ମଧରେ ଏହି ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରାଯିବ। ଏହା ମଧରେ ଘରୋଇ ଜମି କମ୍ ରହିଥିବାବେଳେ ଅଧିକ ସରକାରୀ ଏବଂ ମହାପ୍ରଭୁଙ୍କର ଜମି ରହିଛି। ତେବେ ଜଗନ୍ନାଥ ବଲ୍ଲଭରେ ପିଲିଗ୍ରୀମ୍ ସେଣ୍ଟର ତିଆରି କରାଯିବ। ଏଥିପାଇଁ ସ୍ୱତନ୍ତ୍ର ଭାବେ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇ କାମ କରାଯିବ ବୋଲି ଜିଲାପାଳ ସୂଚନା ଦେଇଥିଲେ।